

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୩ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 July 2024

Vol.No. 35 ■ No.177 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସତ୍‌ସଙ୍ଗରେ ଦଳାଚକଟା: ମୃତ୍ୟୁ ସଂଖ୍ୟା ୧୦୦ ଟପିଲା

ଲକ୍ଷ୍ନୌ, ୦୨/୭ : ଉତ୍ତରପ୍ରଦେଶର ହାଥରସରେ ମଙ୍ଗଳବାର ଏକ ବଡ଼ ଦୁର୍ଘଟଣା ଘଟିଛି। ରତିଭାନପୁର ଗ୍ରାମରେ ଭୋଲେ ବାବାଙ୍କ ସତ୍?ସଙ୍ଗର ଉଦ୍?ଯାପନୀ ସମାରୋହରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ହଠାତ୍ ଦଳାଚକଟା ଆରମ୍ଭ ହୋଇଥିଲା। ଏହି ଦୁର୍ଘଟଣାରେ ୧୦୦ରୁ ଅଧିକ ଜଣଙ୍କର ମୃତ୍ୟୁ ହୋଇଥିବା ଏଟା ସିଏମଓ ଉମେଶ ତ୍ରିପାଠୀ ନିଶ୍ଚିତ କରିଛନ୍ତି। ତେବେ ବେସରକାରୀ ଭାବେ ମୃତ୍ୟୁ ସଂଖ୍ୟା ଅଧିକ ବୋଲି କୁହାଯାଉଛି। ସେହିପରି ଆହତ ସଂଖ୍ୟା ମଧ୍ୟ ସରକାରୀ ରିପୋର୍ଟଠାରୁ ଅଧିକ ହୋଇଥିବା କୁହାଯାଉଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଡିଏମ ଆଶିଷ କୁମାର କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାର ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଡିଜି ଆଗ୍ରା ଏବଂ ଆଲିଗଡର କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ମୃତକଙ୍କ ମଧ୍ୟରେ ଅଧିକ ମହିଳା ଅଛନ୍ତି ବୋଲି କୁହାଯାଉଛି। ଅନେକ ଲୋକ ଆହତ ହୋଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅତ୍ୟଧିକ ଉତ୍ତାପ ଯୋଗୁ ଦଳାଚକଟା ହୋଇଥିବା ଆଶଙ୍କା କରାଯାଉଛି। ସୂଚନାନୁସାରେ, ପୋଲିସ ଦଳ ଏବଂ ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆହତ ମହିଳା, ଶିଶୁ ଏବଂ ପୁରୁଷଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଏଟା, ଆଲିଗଡ, ସିକନ୍ଦରାରାଉ ଡାକ୍ତରଖାନାକୁ ନିଆଯାଇଛି। ପେଣ୍ଡାଲରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ରତା ଯୋଗୁ ଏଭଳି ଘଟିଥିବା କୁହାଯାଉଛି। ବିଳମ୍ବରେ ପୋଲିସ ପ୍ରଶାସନ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯଦିଓ ଦାୟିତ୍ୱରେ ଥିବା ଲକ୍ଷ୍ନୌର କୌଣସି ପ୍ରମୁଖ ଅଧିକାରୀ ଏପର୍ଯ୍ୟନ୍ତ କୌଣସି ଅଦ୍ୟତନ ଦେଇନାହାନ୍ତି। ସିଏମଓ କହିଛି ମୃତଦେହଗୁଡିକ ଡାକ୍ତରଖାନାରେ ପହଞ୍ଚିଛି। ଆହତମାନେ ଚିକିତ୍ସିତ ହେଉଛନ୍ତି। ସମଗ୍ର ଗାଁକୁ ଏକ ସୁରକ୍ଷା ଛାଉଣୀରେ ପରିଣତ କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମଧ୍ୟ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ରଥ ଯାତ୍ରା ପାଇଁ ୨ ଦିନ ଛୁଟି

ଭୁବନେଶ୍ୱର, ୦୨/୭ (ନି.ପ୍ର): ଚଳିତ ବର୍ଷ ରଥ ଯାତ୍ରା ହେଉଛି ବିରଳ। ଏହି ରଥ ଯାତ୍ରା ଦୁଇ ଦିନ ଧରି ଚାଲିବ । ତେଣୁ ରଥଯାତ୍ରା ପାଇଁ ୨ ଦିନ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଫଳରେ ଆସନ୍ତା ୭ ଓ ୮ ତାରିଖରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ସବୁ ଛୁଟି ରହିବ। ପୁରୀରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇ ଏପରି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଛୁଟି ନେଇ ତୁରନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରଥ ଯାତ୍ରାର ସମୀକ୍ଷା ବୈଠକରେ ଯୋଗ ଦେବାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ପହଞ୍ଚିଥିଲେ। ସେଠାରେ ଟାଉନ୍ ହଲରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତ୍ରୁଟିଶୂନ୍ୟ ଭାବେ ରଥଯାତ୍ରା ସଂପନ୍ନ ପାଇଁ ସମସ୍ତ ସହଯୋଗ

▶▶ପୃଷ୍ଠା ୭

ସର୍ବନିମ୍ନ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ସରକାରୀ ଭତ୍ତା: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୦୨/୭ (ନି.ପ୍ର): ବିଭିନ୍ନ ବର୍ଗରେ ଲୋକଙ୍କୁ ମିଳୁଥିବା ସରକାରୀ ଭତ୍ତା ପରିମାଣ ବୃଦ୍ଧି ପାଇବ। ଏହି ଭତ୍ତା ଟଙ୍କାକୁ ସର୍ବନିମ୍ନ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ଏନେଇ ଘୋଷଣା କରିଛନ୍ତି ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତାକୁ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ। ସେ ନେଇ ପ୍ରସ୍ତୁତି ଚାଲିଛି ଏବଂ ଅର୍ଥ ବିଭାଗ ସହ ବିସ୍ତୃତ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଗଣଶିକ୍ଷା ତଥା ସାମାଜିକ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଭିନ୍ନ ବର୍ଗର ଭତ୍ତା ବଢାଇବାକୁ ସରକାର ଚିନ୍ତା କରୁଛନ୍ତି। ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଏନେଇ ସହ ଆଲୋଚନା ଜାରି ରହିଛି।ଆଲୋଚନା ପରେ କେଉଁ ବର୍ଗର ଭତ୍ତାକୁ ବୃଦ୍ଧି କରାଯିବ ସେନେଇ ସ୍ପଷ୍ଟ କରାଯିବ ବୋଲି କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ବିଜେପି ଭତ୍ତା ବୃଦ୍ଧି କରିବାକୁ ସଂକଳ୍ପପତ୍ରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାକୁ ପୂରଣ କରିବାକୁ ଯାଉଛି ବୋଲି କୁହାଯାଉଛି।

ରାଜ୍ୟରେ ବଢିବ ବର୍ଷା

ଭୁବନେଶ୍ୱର, ୦୨/୭ (ନି.ପ୍ର): ରାଜ୍ୟରେ ବଢିବ ବର୍ଷା । ଉପକୂଳରୁ ଉତର ଦକ୍ଷିଣରୁ ପଶ୍ଚିମ ସବୁଠି ଜାରି ରହିବ ବର୍ଷା । ବିଜୁଳି, ଘଡ଼ଘଡ଼ି ନେଇ ଆସନ୍ତାକାଲି ସକାଳ ୮ଟା ୩୦ ପର୍ଯ୍ୟନ୍ତ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି । ତେବେ ଆଗାମୀ ୫ ଦିନ ଯାଏଁ ସମାନ ସ୍ଥିତି ରହିପାରେ ।

ମାଷ୍ଟରକ୍ୟାଣ୍ଟିନରେ ବିଜେପି ଓ କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର, ୦୨/୭ (ନି.ପ୍ର): ରଣକ୍ଷେତ୍ର ପାଲଟିଲା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ। ବିଜେପିର ବିରୋଧ ପ୍ରଦର୍ଶନ ବେଳେ ତୁମୁଳକାଣ୍ଡ। ମୁହାଁମୁହିଁ ହେଲେ ବିଜେପି ଓ ଛାତ୍ର କଂଗ୍ରେସ କର୍ମୀ। ଉଭୟ ପକ୍ଷ ମଧ୍ୟରେ ଟେକାପଥର ଓ ଗୋବର ମାଡ଼ ହୋଇଥିଲା। ପ୍ରବଳ ନାରାବାଜି କରିଛନ୍ତି ବିଜେପି ଓ ଛାତ୍ର କଂଗ୍ରେସ କର୍ମୀ। ଗତକାଲି ଲୋକସଭାରେ ରାହୁଲ ଗାନ୍ଧି ଦେଇଥିବା ହିନ୍ଦୁ ବିରୋଧୀ ମନ୍ତବ୍ୟ ପ୍ରତିବାଦରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିରୋଧ ପ୍ରଦର୍ଶନ ଚାଲିଥିଲା। ଏତିକିବେଳେ ଛାତ୍ର କଂଗ୍ରେସ କର୍ମୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସ୍ଥିତି ହୋଇଥିଲା। ପୁଲିସ ଉପସ୍ଥିତିରେ ଟେକାପଥର ଓ ଗୋବର ମାଡ଼ ହୋଇଥିଲା। ଏହାପରେ ବିଜେପି ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ସେପଟେ ନିଟ୍ ପରୀକ୍ଷା ଅନିୟମିତତା ଅଭିଯୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ଆଗରେ ବିକ୍ଷୋଭ କରିଛି କଂଗ୍ରେସ।

ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୦୨/୭ (ନି.ପ୍ର): ୩ ବର୍ଷର ନିଷ୍ପାପ ଶିଶୁ କନ୍ୟା ଉପରେ ଲୋଲୁପ ଦୃଷ୍ଟି ପକାଇଲା ଅଭିଯୁକ୍ତ। ପ୍ରଲୋଭିତ କରି ଘର ସମ୍ମୁଖରୁ ବାପା କୋଳରୁ ନେଇଯାଇ ଦୁଷ୍କର୍ମ କଲା। ଏହାପରେ ପୀଡ଼ିତାକୁ ଛାଡ଼ି ଦେଇ ଫେରାର ହୋଇଗଲା। ଏପରି ଏକ ଚାଞ୍ଚଲ୍ୟକର ଘଟଣା ରାଜଧାନୀ ଛାତି ଉପରେ ଘଟିଛି। ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖୁଣ୍ଟିଆଙ୍କୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ସନ୍ତୋଷ ଏୟାରଫିଲଡ ଥାନା ପାଞ୍ଚଗାଁ ଅଞ୍ଚଳର ବୋଲି ଜଣାଯାଇଛି। ସେ ଡ୍ରାଇଭର ଭାବେ କାମ କରୁଥିବା ବେଳେ ତାଙ୍କ ବୟସ ୨୩ ବର୍ଷ । ପୀଡ଼ିତା ଶିଶୁ କନ୍ୟାର ପରିବାର ସନ୍ତୋଷଙ୍କ ଘର ସମ୍ମୁଖରେ ରୁହନ୍ତି । ଗତକାଲି ପୀଡ଼ିତାଙ୍କୁ ଧରି ତାଙ୍କ ବାପା ଘର ସମ୍ମୁଖ ଦାଣ୍ଡରେ ବୁଲାଉଥିଲେ। ଉକ୍ତ ସମୟରେ ନିଶାସକ୍ତ ଥିବା ସନ୍ତୋଷ ବିଭିନ୍ନ ପ୍ରଲୋଭନ ଦେଖାଇ ପିଲାଟିକୁ ନିଜ ଘରକୁ ନେଇ ଯାଇଥିଲେ। ସେଠାରେ କେହି ନ ଥିବା ସୁଯୋଗରେ ସେ କବାଟ ଦେଇ ଶିଶୁଟି ସହ ଦୁଷ୍କର୍ମ କରିଥିଲେ। ଶିଶୁଟି ଚିତ୍କାର କରିବାରୁ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଏହାପରେ

▶▶ପୃଷ୍ଠା ୭

ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କାର ଲାଞ୍ଚ କାରବାର: ଏଫସିଆଇ ମହାପ୍ରବନ୍ଧକଙ୍କ ସମେତ ୪ ଜଣଙ୍କୁ ଗିରଫ କଲା ସିବିଆଇ



ଭୁବନେଶ୍ୱର, ୦୨/୭ (ନି.ପ୍ର): କୋଲକାତାର ଏକ ଘରୋଇ ଫାର୍ମକୁ ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଜି ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ଜଣେ ମହାପ୍ରବନ୍ଧକ ଓ ଏକାଉଣ୍ଟସ୍ ମ୍ୟାନେଜରଙ୍କ ସମେତ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରସ୍ଥିତ ଏଫସିଆଇ, ଓଡ଼ିଶା କ୍ଷେତ୍ର ମହାପ୍ରବନ୍ଧକ ପ୍ରେମ ସିଂ ଭନୋତ୍, ଏଫସିଆଇ ଏକାଉଣ୍ଟସ୍ ମ୍ୟାନେଜର ସଞ୍ଜୟ ଦେ, କୋଲକାତାର ମେସର୍ସ ଏସପି ଟ୍ରେଡର୍ସ ଏଣ୍ଡ ସପ୍ଲାୟର୍ସ ପ୍ରାଇଭେଟ୍ ଲିମିଟେଡ୍ର ମାଲିନା ଦେ ଆଲିଆସ୍ ସୌମୀ ଭଟ୍ଟାଚାର୍ଯ୍ୟ ଏବଂ କୋଲକାତାର ଜଣେ ମଧ୍ୟସ୍ଥ ସୟେଦ ହସନେନ୍ ଅହମ୍ମଦ। ଏହି ଚାରି ଜଣଙ୍କ ସମେତ କୋଲାକାତାର

▶▶ପୃଷ୍ଠା ୭

ଲକ୍ଷ୍ମୀ ବସ୍‌ର ନବକଳେବର: ନାଁ ସହ ରଙ୍ଗ ବି ବଦଳିଲା

ଭୁବନେଶ୍ୱର, ୦୨/୭ (ନି.ପ୍ର): ବହୁ କଳ୍ପନାଜଳ୍ପନା ପରେ ଶେଷରେ ବଦଳିଲା ଲକ୍ଷ୍ମୀ ବସ୍‌ର ରଙ୍ଗ । ସବୁଜରୁ ହେଲା ଗେରୁଆ। ଆଉ ସେଥିରେ ଲକ୍ଷ୍ମୀ ବସ୍ ପରିବର୍ତ୍ତେ ଲେଖାହୋଇଛି ମୁଖ୍ୟମନ୍ତ୍ରୀ ବସ୍ ସେବା। ଢେଙ୍କାନାଳରେ ଲକ୍ଷ୍ମୀ ବସ୍‌ର ହୋଇଛି ଏପରି ନବକଳେବର । ତେବେ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନି। ଆଜି ଢେଙ୍କାନାଳ ବସ୍ ଷ୍ଟାଣ୍ଡରେ ଛିଡ଼ା ହୋଇଥିବା ଲକ୍ଷ୍ମୀ ବସ୍ ଗୁଡ଼ିକର ରଙ୍ଗ ବଦଳି ଯାଇଛି। ଏଥିସହ ବସ୍‌ର ନାଁ ବି ବଦଳି ଯାଇଛି। ତେବେ କାହା ନିର୍ଦ୍ଦେଶରେ ରଙ୍ଗ ବଦଳିଛି ତାହା ଏବେ ଯାଏଁ ଜଣାପଡ଼ିନି। ପୂର୍ବରୁ ସରକାର ବଦଳିଲା ପରେ ବସରେ ଲାଗିଥିବା ଶଙ୍ଖ ପୋଷ୍ଟର୍ ସବୁ ହଟି ଯାଇଥିଲା ଆଉ ଏବେ ରଙ୍ଗ ଓ ନାଁ ବଦଳି ଯାଇଛି।

▶▶ପୃଷ୍ଠା ୭

ବାଲେଶ୍ୱର ସହରରୁ ହଟିଲା କର୍ଫ୍ୟୁ

ବାଲେଶ୍ୱର, ୦୨/୭ (ନି.ପ୍ର): ବାଲେଶ୍ୱର ସହରରୁ ହଟିଲା କର୍ଫ୍ୟୁ। ସ୍ୱାଭାବିକ ହୋଇଛି ବାଲେଶ୍ୱର ସହରର ସ୍ଥିତି। ଗତ ୧୮ତାରିଖରୁ କର୍ଫ୍ୟୁ ଲାଗିଥିଲା। ଧୀରେ ଧୀରେ କର୍ଫ୍ୟୁର ସୀମା କୋହଳ କରାଯାଇ କେବଳ ନାଇଟ୍ କର୍ଫ୍ୟୁ ବଳବତ୍ତର ଥିଲା। ତେବେ ଆଜିଠୁ ସମ୍ପୂର୍ଣ୍ଣ କର୍ଫ୍ୟୁ ଉଠିଯାଇଛି। ବାଲେଶ୍ୱର ସହରରେ ଗୋଷ୍ଠୀ ସଂଘର୍ଷକୁ ନେଇ କର୍ଫ୍ୟୁ ଜାରି ହୋଇଥିଲା। ଏନେଇ ୨୪ଟି ମାମଲା ରୁଜୁ କରାଯାଇ ୯୪ଜଣଙ୍କୁ ଗିରଫ କରାଯାଇଛି। ତେବେ କର୍ଫ୍ୟୁ ହଟିଥିଲେ ମଧ୍ୟ ସହରରେ ପୋଲିସ ଫୋର୍ସ ପୂର୍ବଭଳି ମୂତୟନ ରହିବେ ବୋଲି ଜିଲ୍ଲାପାଳ ଓ ଏସପି ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି।

ନବୀନଙ୍କ ବ୍ୟକ୍ତିଗତ ସଚିବ ହେଲେ ଆଦିତ୍ୟ ମହାପାତ୍ର

ଭୁବନେଶ୍ୱର, ୦୨/୭ (ନି.ପ୍ର): ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ ବରିଷ୍ଠ ଓଏଏସ୍ ଆଦିତ୍ୟ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି । ଆଜି ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ଶ୍ରୀ ମହାପାତ୍ର ପୂର୍ବରୁ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ । ଏବେ ସରକାର ପରିବର୍ତ୍ତନ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲିଖିତ ଅନୁରୋଧ ପରେ ଶ୍ରୀ ମହାପାତ୍ରଙ୍କୁ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

▶▶ପୃଷ୍ଠା ୭

ରାହୁଲଙ୍କ ଉପରେ ବର୍ଷିଲେ ମୋଦି

ନୂଆଦିଲ୍ଲୀ, ୦୨/୭ : ସଂସଦରେ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ମୋଦିଙ୍କ ଧୁଲେଇ। ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବା ବେଳେ ଲୋକସଭାରେ ରାହୁଲଙ୍କ ନାଁ ନେଇ ତାଙ୍କୁ ଭୀଷଣ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତକାଲି ସଂସଦରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ନେଇ ମୋଦି ତାଙ୍କୁ ଖୁବ୍ ଧୋଇଛନ୍ତି। କହିଛନ୍ତି ହିନ୍ଦୁଙ୍କ ଉପରେ ମିଛ ଆରୋପର ଷଡ଼ଯନ୍ତ୍ର ଲଗାଯାଉଛି। ଗତକାଲି ସଂସଦରେ ଭରପୁର ମିଛ କଥା କୁହାଗଲା। ସମ୍ବିଧାନର ଗରିମା ସହ ଖେଳ ସଂସଦ ପାଇଁ ଦୁର୍ଭାଗ୍ୟଜନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। କାଲି ଯାହା ହୋଇଛି, ତାକୁ ଗମ୍ଭୀରତାର ସହ ନେବାକୁ ପଡ଼ିବ। ଏଭଳି ହରକତକୁ ବାଳକବୁଦ୍ଧି କହି ନଜରଅନ୍ଦାଜ କରାଯିବା କଥା ନୁହେଁ ବୋଲି କହିଛନ୍ତି ମୋଦି। ସେହିଭଳି ଗତ ନିର୍ବାଚନରେ କଂଗ୍ରେସର ପରାଜୟକୁ ନେଇ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି ମୋଦି। କହିଛନ୍ତି ୨୦୨୪ ପରଠୁ କଂଗ୍ରେସ ଦଳ ଏବେ ପରଜୀବୀ ପାଲଟି ଯାଇଛି। ଅନ୍ୟପଟେ ୨୦୨୪ ନିର୍ବାଚନରେ ଓଡ଼ିଶାର ବିଜେପିର ଅପୂର୍ବ ସଫଳତା କଥା ମନେ ପକାଇ ଏହାକୁ ଜଗନ୍ନାଥଙ୍କ ଭରପୁର ଆଶୀର୍ବାଦ ବୋଲି ମଧ୍ୟ କହିଛନ୍ତି।

କେଜ୍ରିୱାଲଙ୍କ ଜାମିନ ଆବେଦନ ଉପରେ ସିବିଆଇକୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୦୨/୭ : ଦିଲ୍ଲୀ ଅବକାରୀ ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସବିଆଇକୁ ଜବାବ ମାଗିଛନ୍ତି । ସିବିଆଇ ଆଗାମୀ ୭ ଦିନ ମଧ୍ୟରେ ତା'ର ଜବାବ ଦାଖଲ କରିବ । ଏହାପରେ ୨ ଦିନ କେଜ୍ରିୱାଲଙ୍କ ତରଫରୁ ତାର ପ୍ରତି ଉତ୍ତର ପ୍ରଦାନ କରାଯିବ । ଏହାର ଗୋଟିଏ ସପ୍ତାହ ଅର୍ଥାତ ଜୁଲାଇ ୧୭ ତାରିଖରେ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହେବ । କୋର୍ଟରେ ଆଜି ହୋଇଥିବା ଶୁଣାଣି କ୍ରମରେ କେଜ୍ରିୱାଲଙ୍କ ଓକିଲ ଡ.ଅଭିଷେକ ମନୁ ସଂଘଭୀ ସିବିଆଇର ଗିରଫଦାରୀ

▶▶ପୃଷ୍ଠା ୭

ଏ -୧ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

ପୁରୀ, ୦୨/୦୭ (ନି.ପ୍ର): ଦେଶ ଓ ଜାତିକୁ ଶ୍ରେଷ୍ଠ ଭାବେ ଗଢିତୋଳିବାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ଅବର୍ଣ୍ଣନୀୟ। ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରାଯିବା ସହ ଶିକ୍ଷାନୁଷ୍ଠାନ ରେ ଥିବା ସମସ୍ୟା ଗୁଡ଼ିକର ଉପଯୁକ୍ତ ଭାବରେ ସମାଧାନ କରାଗଲେ ନିଶ୍ଚିତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ପୁରୀ ଟାଉନ ହଲ୍ ଠାରେ ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏକଦିବସୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ଗତ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଥିବା ପୁରୀ ଜିଲ୍ଲାର ସମୁଦାୟ ୧୧୬ଜଣ ଏ - ୧ ପ୍ରାପ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ପରିଡା ଶ୍ରୀଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଶିକ୍ଷା କୌଣସି ଜାତି ବା ରାଷ୍ଟ୍ରକୁ ଶ୍ରେଷ୍ଠ କରିବାର ମୁଖ୍ୟ ଆଧାର। ଯିଏ ଯେଉଁ ପଦବୀରେ ଥିଲେ ମଧ୍ୟ ତାହାର ଉତ୍ସ ଶିକ୍ଷା। ତେଣୁ ରାଜନୈତିକ ବିଚାର ଧାରାରୁ ଉର୍ଦ୍ଧ୍ୱ ରେ ରହି ଶିକ୍ଷା ର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଧାୟକ କାକଟପୁର ତୁଷାରକାନ୍ତି ବେହେରା,ବିଧାୟକ ପୁରୀ ସୁନିଲ କୁମାର ମହାନ୍ତି, ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ସତ୍ୟବାଦୀ ଓମ୍ ପ୍ରକାଶ ମିଶ୍ର, ବିଧାୟକ ବ୍ରହ୍ମଗିରି ଉପାସନା ମହାପାତ୍ର ଉପସ୍ଥିତ ରହି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ରେ ଏ ୧ ପାଇଥିବା ୧୧୬ ଜଣ ବିଦ୍ୟାର୍ଥୀ ଙ୍କୁ ସମ୍ବର୍ଦ୍ଧନା ସହ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣ ପ୍ରଦାନ କରି ସେମାନଙ୍କୁ ଶୀର୍ଷତମ ଶିଖରରେ ଉପନିତ କରାଇ ପାରିଥିବା ୭ ଜଣ ସବ୍ଜେକ୍ଟ ଶିକ୍ଷକ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀରେ ଏନ୍ ରୋଲମେଂଟ କରିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦% କିପରି ଏ ୧ ପାଇବେ ଓ ପ୍ରତ୍ୟେକ ବିଦ୍ୟାଳୟ ପାସ୍ ହାର ୧୦୦% ହେବ ସେ ବିଷୟରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ଦେଇ ଉତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଣୁ ପୂର୍ବରୁ ପଦକ୍ଷେପ ନିଆଯାଇ ବିଭିନ୍ନ ଦକ୍ଷ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପି ପି ଟି ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଷୟରେ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏତଦ୍ ବ୍ୟତୀତ ଗତ ମାଟ୍ରିକ ପରୀକ୍ଷାରେ ପାସ୍ ହାର ୧୦୦% ରଖିଥିବା ସମୁଦାୟ ୧୫୩ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି । ବିଭିନ୍ନ ବିଷୟରେ ବିଷୟ ଭିତିକ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକ ମାନଙ୍କୁ ବିଭିନ୍ନ ସମୟରେ ଓରିଏନଟେସନ୍ ପ୍ରୋଗ୍ରାମ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଆୟୋଜନ କରାଯିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବାକୁ ସ୍ଥିର କରାଗଲା। ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି , ଓଡିଶା ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ ବିଶ୍ୱଜିତ୍ ଘୋଷ୍ ଓ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରାଧ୍ୟାପକ ସନ୍ତୋଷ କୁମାର ପରିଡା ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପରିକଳ୍ପନା ଓ ପରିଚାଳନା ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ କରିଥିଲେ । ଶିକ୍ଷୟିତ୍ରୀ ଅଳକାନନ୍ଦା ମଂଚ ପରିଚାଳନା, ଶିକ୍ଷକ ପ୍ରତାପ କୁମାର ରାଉତ, ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ବିଦ୍ୟାଧର ମିଶ୍ର ବେଦପାଠ କରିଥିଲେ । ଏହି ସମସ୍ତ କାର୍ଯ୍ୟ ସାମଗ୍ରିକ ଭାବେ ସଭାର ସଭାପତି ତଥା ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାହିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋଇସିଂହା ଥାନାରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ସଚେତନତା ଶିବିର

ବଲାଙ୍ଗୀର, ୦୨/୦୭ (ନି.ପ୍ର): ଜୁଲାଇ ପହିଲାରୁ ଲାଗୁ ହୋଇଥିବା ନୂତନ ଆଇନ ସମ୍ପର୍କରେ ଲୋଇସିଂହା ପୋଲିସ ପକ୍ଷରୁ ଏକ ସଚତେନତା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଶୀତକାଳୀନ ଅଧିବେଶନରେ ଭାରତୀୟ ସଂସଦରେ ଗୃହୀତ ହୋଇଥିବା ବିଲ ଅନୁଯାୟୀ ତିନୋଟି ନୂଆ ଅପରାଧିକ ଆଇନ(ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଆଇନ-୨୦୨୩) କାର୍ଯ୍ୟକାରୀ ହେଉଛି। ଏହି ଅବସରରେ ଲୋଇସିଂହା ଥାନା ଅଭ୍ୟର୍ଥନା କକ୍ଷରେ ଆଇଆଇସି ଯାଜ୍ଞସେନୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଚେତନତା କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ତହସିଲଦାର ସଂଘମିତ୍ରା କାଲୋ ଯୋଗଦେଇ ଭାରତୀୟ ନାଗରିକଙ୍କୁ ସଶକ୍ତ କରିବା ଦିଗରେ ନୂଆ ଅପରାଧିକ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସୂଚନା ଦେବା ସହିତ ପ୍ରତି ନାଗରିକଙ୍କୁ ଅଧିକ ଦକ୍ଷତା ଭିତିରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସୃଷ୍ଟି କରିବା ଏହି ଆଇନ ଗୁଡ଼ିକର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ନୂଆ ଆଇନରେ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସାର ତଦନ୍ତକୁ ପ୍ରାଥମିକତା ଦିଆଯାଇ ନୋଟିସ୍ ଦାଖଲ ହେବାର ଦୁଇ ମାସ ମଧ୍ୟରେ ଏଭଳି ମାମଲାର ସମାଧାନ କରିବାକୁ ପଡ଼ିବ ବୋଲି ଆଇଆଇସି ସୂଚନା ଦେଇଥିଲେ। ନୂଆ ଅପରାଧିକ ଆଇନ ଅନୁଯାୟୀ ଫୋରେନସିକ୍ ବିଶେଷଜ୍ଞମାନେ ଗୁରୁତର ଅପରାଧ କ୍ଷେତ୍ରରେ ପ୍ରମାଣ ସଂଗ୍ରହ ପାଇଁ ଅପରାଧ ସ୍ଥଳ ପରିଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି। ଏଣିକି ଆଇନଗତ ପ୍ରକ୍ରିୟା ସହଜ ହେବା ସହିତ କାଗଜପତ୍ର ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଉଛି। ତେବେ ଆଇନର ଦୁରୁପଯୋଗ ହେଲେ ସାଧାରଣ ନାଗରିକ ହିଁ କ୍ଷତିଗ୍ରସ୍ତ ହେବା ସହିତ ପୁରୁଣା ବୋତଲରେ ନୂଆ ମଦ ରଖିବା ଭଳି ଉପରୋକ୍ତ ଆଇନରେ ବିଶେଷ କିଛି ପରିବର୍ତ୍ତନ ହୋଇନଥିବା ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ବେହେରା ପ୍ରକାଶ କରିଛନ୍ତି। ଏହି ଶିବିରରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ, ଆଇନଜୀବୀ, ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଥାନାଧିକାରୀ ଶ୍ରୀମତୀ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

୩ଟି ନୂଆ ଅପରାଧିକ ଆଇନ ଉପରେ ସଚେତନତା

ଜୟପୁର, ୦୨/୦୭ (ନି.ପ୍ର): ଦେଶରେ ୩ଟି ନୂଆ ଅପରାଧିକ ଆଇନ ସୋମବାର ଠାରୁ କାଯ'ୟକାରି ହୋଇଛି । ଏନେଇ ଆଜି ଜୟପୁର ସଦର ଥାନା ପରିସରରେ ଏକ ସତେତନତା ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ସଦର ଥାନା ଅଂଚଳର ବୁଦ୍ଧିଜାବି ମାନଙ୍କୁ ସଚେତନ କରାଯାଇଥିଲା । ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସଚେତନ କରିଥିଲେ । ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ବଡ ପରିବର୍ତ୍ତନ ଆସିଛି । ଭାରତୀୟ ଦଣ୍ଡ ସଂହିତା, ଆଇପିସି, ଫୌଜଦାରି ଅପରାଧିକ ସଂହିତା ସିଆରପିସି ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା , ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରି ହୋଇଛି ।

ନୂତନ ଆଇନ ସମ୍ପର୍କରେ ଜିଲ୍ଲା ପୋଲିସର କର୍ମଶାଳା

କୋରେଇ, ୦୨/୦୭ (ନି.ପ୍ର): ଦେଶରେ ଲାଗୁ ହୋଇଥିବା ନୁତନ ଅପରାଧିକ ଆଇନ ସଂକ୍ରାନ୍ତରେ ଜିଲ୍ଲା ପୁଲିସ ମୂଖ୍ୟାଳୟର ସଭାଗୃହରେ ଅତିରିକ୍ତ ପୁଲିସ ଅଧିକ୍ଷକ ଅନିରୁଦ୍ଧ ରାଉତରାୟଙ୍କ ସଂଚାଳନାରେ ବରିଷ୍ଠ ନାଗରିକ ମଂଚ,ସିଭିଲ ସୋସାଇଟି ଫୋରମ, ଜିଲ୍ଲା ଶିଶୁ ବିଭାଗ,ଜିଲ୍ଲା ଶିଶୁ ମଙ୍ଗଳ ସମିତି,ଓ ସାମାଜିକ କର୍ମୀ,ଆଇନଜିବୀ ଓ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲା ପୁଲିସ ଅଧିକ୍ଷକ ଭିନୀତ ଅଗ୍ରୱାଲ ଅଧ୍ୟକ୍ଷତା କରି ଦେଶରେ ନୁତନ ଆଇନ ପ୍ରଣୟନ ନେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉକ୍ତ ଆଇନ ଦ୍ୱାରା ପିଡ଼ିତ ତୁରନ୍ତ ନ୍ୟାୟ ପାଇପାରିବା ସହିତ ଅପରାଧି ମାନଙ୍କ ଲାଗି କଠୋର ସାବ୍ୟସ୍ତ ହେବ ବୋଲି ନିଜ ଉଦବୋଧନରେ ଜଣାଇଥିଲେ। ପ୍ରଥମେ ଦେଶର ଜାତୀୟ ସଙ୍ଗୀତ ଗାନ କରାଯାଇ ଉକ୍ତ ଆଇନକୁ ସମ୍ମାନ ଜଣାଯାଇଥିଲା। ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଉତରାୟ ,ଡ଼ିଏସପି(ଡ଼ିଆଇବି) ଅନୀଲ କୁମାର ପ୍ରଧାନ, ଜିଲ୍ଲା ଶିଶୁ ଅଧିକାରୀ ନିରଂଜନ କର ଉକ୍ତ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ରେକ୍ସୋନା ଜେନା,ସଦସ୍ୟା ତୃପ୍ତି ଜେନା ସଦସ୍ୟ ପ୍ରଶାନ୍ତ କୁମାର ମିଶ୍ର, ଜିଲା ଶୁଶୁ ସୁରକ୍ଷା ୟୁନିଟର କମକର୍ତା କାଳୀ ପ୍ରସାଦ ସାହୁ,ପଦ୍ମଲୋଚନ ସାମନ୍ତରାୟ,ରବିନ୍ଦ୍ରନାଥ ସେଠୀ ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ,ସମ୍ପାଦକ ସଦୁରେନ୍ଦ୍ର ରାୟ,ସଦସ୍ୟ ଚନ୍ଦ୍ରମଣୀ ସ୍ୱାଇଁ,ବୃନ୍ଦାବନ ଜେନା,ବାବାଜୀ ଚରଣ ରାଉତ, ଅଦୈତ୍ୟ ଚରଣ ଦାଶ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ କାର୍ଯ୍ୟରତ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ।

ନୂତନ ଅପରାଧ ଆଇନ କାର୍ଯ୍ୟକାରିତା ଉପରେ ସଚେତନ ସଭା

ନୂଆପଡ଼ା, ୦୨/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ପରିସରରେ ଅନୁଷ୍ଠିତ ନୂତନ ଅପରାଧ ଆଇନ କାର୍ଯ୍ୟକାରିତା ଉପରେ ସଚେତନ ସଭା ଅନୁଷ୍ଠିତ ହୋଇଯାଇଅଛି। ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଯୋଗଦେଇ ଏହି ଆଇନର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ବିଶେଷକରି ତିନି ଗୋଟି ଆଇନରେ ପରିବର୍ତ୍ତନ ହୋଇଥିବାବେଳେ ୧୮୬୦ ଭାରତୀୟ ଦଣ୍ଡ ସଂହିତାରୁ ଭାରତୀୟ ନ୍ୟାୟ ସଂହିତା ୨୦୨୩ ପରିବର୍ତ୍ତନ ହୋଇଅଛି। ସେହିପରି କୋର୍ଟ ଅଫ୍ କ୍ରିମିନାଲ ପ୍ରସିଡିଙ୍ଗ ୧୯୬୩ କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ୧୮୭୨ ପରିବର୍ତ୍ତନ ହୋଇ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ କାର୍ଯ୍ୟକାରିତା ନେଇ ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଏହି ବୈଠକରେ ଖଡିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ, ଖଡିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା, ବରିଷ୍ଠ ନାଗରିକ ଡ଼ ମେଜର ରାମଚନ୍ଦ୍ର ମିଶ୍ର, ବରିଷ୍ଠ ନାଗରିକ ସଂଘ ସଭାପତି ରାମେଶ୍ୱର ଅଗ୍ରୱାଲ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଡୋଲାମୋହନ ସିଂ ବାବୁଙ୍କ ସମେତ ବରିଷ୍ଠ ନାଗରିକ, ସଚେତନ ନାଗରିକ, ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ପୋଲିସ କର୍ମଚାରୀମାନେ ଯୋଗ ଦେଇଥିଲେ।

ସେହିପରି ଖଡ଼ିଆଳ ସବ ଜେଲ ପରିସରରେ ମଧ୍ୟ ନୂତନ ଅପରାଧ ଆଇନ କାର୍ଯ୍ୟକାରିତା ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜେଲର ବଲରାମ ବିଶି ମାଝୀ, ସହକାରୀ ଜେଲର କୈଳାସ ଚନ୍ଦ୍ର ପତି ସମେତ ସମସ୍ତ ଜେଲ କର୍ମଚାରୀ ଉପସ୍ଥିତ ଥିଲେ। ଜେଲରେ ଥିବା କଏଦୀମାନଙ୍କୁ ଏହି ନୂତନ ଆଇନ ଉପରେ ସଚେତନ କରିଥିଲେ।

କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣିର ପ୍ରଥମ ଦିବସରେ ୧୯୮ ଅଭିଯୋଗ

କେନ୍ଦୁଝର, ୦୨/୦୭ (ନି.ପ୍ର): ଚଳିତ ଜୁଲାଇ ମାସ ୧ ତାରିଖ ସୋମବାର ଦିନ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ପ୍ରଥମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୪୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୩୨ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା /ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୬୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, ବନଖଂଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଲଳିତ ସୋରେଂଗ, ଆଇଏଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରବାଲ,ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ସଦର ବିଡିଓ ତିଲୋତମା ପୃଷ୍ଟି, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ୬ ଗୋଟି ମୋଟରଚାଳିତ ହୁଇଲଚେୟାର ପ୍ରଦାନ କରାଯାଇଥିଲା । ପ୍ରକାଶଥାଉକି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ହୋଇଥିବା ଆଚରଣବିଧି ଯୋଗୁଁ ସାମୟିକ ଭାବେ ଏହି ଅଭିଯୋଗ ଶୁଣାଣି ସମଗ୍ର ରାଜ୍ୟରେ ବନ୍ଦ ରହିଥିଲା । ନୂତନଭାବେ ଶପଥ ନେଇଥିବା ସରକାରଙ୍କ ନିର୍ଦ୍ଦେଶ ମୁତାବକ ପୁନର୍ବାର ମିଳିତ ଅଭିଯୋଗ ଶୁଣାଣି ଆଜିଠାରୁ ସମସ୍ତ ଜିଲ୍ଲାସ୍ତର ସମେତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଆରମ୍ଭ ହୋଇଛି ।

ମଙ୍ଗଳା ନଦୀ ପୁନଃ ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୦୨/୦୭ (ନି.ପ୍ର): ମଙ୍ଗଳାଘାଟ ନିକଟ ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ ଯୋଗୁ ମଙ୍ଗଳା ନଦୀ ବିଷାକ୍ତ ହେବା ସହ ପୋତି ହୋଇଗଲାଣି । ପାଣି ବ୍ୟବହାର ଯୋଗ୍ୟ ହେଉନାହିଁ କି ଚାଷ ଜମିରେ ପ୍ରୟୋଗ କରାଯାଉନାହିଁ । ମଙ୍ଗଳା ନଦୀର ପୁନଃ ଉଦ୍ଧାର ପାଇଁ ୭ ଗାଁର ଶତାଧିକ ଗ୍ରାମବାସୀ ଶୋଭାଯାତ୍ରା ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସାତଦଫା ଦାବି ମଧ୍ୟରେ ନଦୀରୁ ଘାସ ,ଦଳ ଓ ଅନାବନା ଗଛ ସଫା କରିବା , ନଦୀର ଖନନ ଓ ସୀମା ନିର୍ଦ୍ଧାରଣ, ଜଳ ପ୍ରଭାବିତ କରିବା, ସ୍ୱରେଜ ନିର୍ଗତ ଜଳ ପାଇପ ଯୋଗେ ଅନ୍ୟତ୍ର ଛାଡିବା, ନଦୀ ନିକଟ ଗ୍ରାମବାସୀଙ୍କ ପାଇଁ ଟୁଠ ପାହାଚ ନିର୍ମାଣ ,ନଦୀ କୂଳବାସୀଙ୍କ ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ନଦୀର ସୌନ୍ଦର୍ଯ୍ୟକରଣ କରିବା ଆଦି ଦାବି ରହିଛି । ଖଡିପଦା, ରେବତୀରମଣ, ମଲ୍ଲିକ ସାହି, ଭୋଇ ସାହି, ତୋଟା ସାହି, ଗୋଲା ସାହି, କୋରୁଅ, କଶୀଜଗନ୍ନାଥପୁର ଓ ଭାଗବତ ପାଟଣା, ମଙ୍ଗଳାଘାଟ, ପାର୍ବତୀପୁର, ପାଇକସାହି, ଶଙ୍କରପୁର କଣ୍ଠପୁର ସାତପାଟଣା ଗ୍ରାମର ଗ୍ରାମବାସୀ ମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଆବାହକ ସୂର୍ଯ୍ୟନାରାୟଣ ରଥ, ସୁକାନ୍ତ ମହାନ୍ତି, ସମଙ୍ଗ ସମିତି ସଭ୍ୟ ତଥା ଆଇନଜୀବୀ ପ୍ରସନ୍ନ କୁମାର ମିଶ୍ର,ଉପଦେଷ୍ଟା ଜଗନ୍ନାଥ ଦେଓ ଓ ଶରତ ରାୟଗୁରୁ,ବିଶ୍ୱନାଥ ସାମନ୍ତରାୟ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

ରକ୍ତ ଶିକୁଳି ରୋଗ ନିର୍ଣ୍ଣୟ ଶିବିର ଅନୁଷ୍ଠିତ

ନୂଆପଡ଼ା, ୦୨/୦୭ (ନି.ପ୍ର): ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଏକ ରକ୍ତ ଶିକୁଳି ରୋଗ ନିର୍ଣ୍ଣୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଆଦିତ୍ୟ ପ୍ରସାଦ ଯୋଶୀ ଓ ତାଙ୍କ ସହଯୋଗୀଙ୍କ ଦ୍

ସୁଆଦିଆ ଗୁପଚୁପରେ ହାନିକାରକ ରଙ୍ଗ: ହୋଇପାରେ କ୍ୟାନସର

ପାଟିକୁ ସୁଆଦିଆ, ଖାଇବାକୁ ଚଟପଟି । ଛୋଟଠୁ ବଡ଼, ମୁଖ୍ୟତଃ ଯୁବତୀମାନଙ୍କର ଏହା ପ୍ରଥମ ପସନ୍ଦ । ଭିନ୍ନ ରାଜ୍ୟରେ ଏହାର ନାଁ ଭିନ୍ନ କିନ୍ତୁ ସ୍ୱାଦ ମନଲୋଭା । ଏହାର ଚଟପଟା ସ୍ୱାଦର ଦିୱାନା ସମସ୍ତେ । ମସଲା ଆଉ ଖଟା ପାଣିର ଅଦ୍ଭୁତ୍ ମିଶ୍ରଣ ହେଉଛି ଗୁପଚୁପ୍ । ହେଲେ ଏହି ଗୁପଚୁପ୍ ଅବା ଓଡ଼ିଶା ବାହାରେ ପାନିପୁରୀ କୁହାଯାଉଥିବା ଏହି ଖାଦ୍ୟକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି । ଏପରିକି ଏହାକୁ ବେଶି ଖାଇବା ଦ୍ୱାରା କ୍ୟାନ୍ସର ବି ହୋଇପାରେ ବୋଲି ବିଶେଷଜ୍ଞ ଚେତାଇ ଦେଇଛନ୍ତି ।

କର୍ଣ୍ଣାଟକରୁ ଜାତୀୟ ଗଣମାଧ୍ୟମରେ ଏଭଳି ତଥ୍ୟ ଆସିବା ପରେ ବଢ଼ିଛି ଲୋକଙ୍କ ଟେନସନ୍ । କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ୨୬୦ଟି ନମୁନାକୁ ପରୀକ୍ଷା କରାଯାଇଥିଲା । ଯେଉଁଥିରୁ ୪୧ଟି ନମୁନାରେ କ୍ୟାନସର ଲକ୍ଷଣ ଥିବା କହିଛି କର୍ଣ୍ଣାଟକ ଖାଦ୍ୟ ଓ ନିରାପତ୍ତା ବିଭାଗ । ତାସହ ୧୮ଟି ନମୁନାକୁ ଅତି ନିମ୍ନମାନର ବୋଲି କୁହାଯାଇଥିଲା । ମୁଖ୍ୟତଃ ଗୁପଚୁପ୍ ପାଣି ତଥା ସସ୍‌ରେ ବ୍ୟବହୃତ ହେଉଥିବା କୃତ୍ରିମ ରଙ୍ଗ ଏଥିପାଇଁ ଦାୟୀ । କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଏହି ସାଂଘାତିକ ତଥ୍ୟ ସାମନାକୁ ଆସିଛି । ଅଧିକ ଖାଇବା ଦ୍ୱାରା ଏହା କ୍ୟାନସର ପରି ମାରାତ୍ମକ ରୋଗକୁ ଡକରା ଦେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।

କୋବି ମାଞ୍ଚୁରିଆନ, କବାବରୁ କ୍ୟାନସର ସୃଷ୍ଟିକାରୀ ଜୀବାଣୁ ଠାବ ହେବା ପରେ ଏବେ ଗୁପଚୁପ୍‌ରୁ ବି ଏହା ଠାବ ହୋଇଛି । ଏହି ଖବର ପ୍ରଚାରିତ ହେବା ପରେ ଗୁପଚୁପ୍ ପ୍ରେମୀଙ୍କ ମନ ଖଟା ହୋଇ ଯାଇଛି । କେବଳ ସେତିକି ନୁହେଁ,ଖୁବ୍‌ଶୀଘ୍ର କର୍ଣ୍ଣାଟକା ସରକାର ଗୁପଚୁପ୍‌କୁ ବ୍ୟାନ୍ କରି ପାରନ୍ତି ବୋଲି ବି ଚର୍ଚ୍ଚା ହେଉଛି ।

ଲକ୍ଷ୍ମୀଛଡ଼ା ଦୋଷ କ'ଣ ? କେଉଁ ଦୋଷ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ?

ଲକ୍ଷ୍ମୀଛଡ଼ା ଶବ୍ଦଟି ସହିତ ଆମେ ପ୍ରାୟ ସମସ୍ତେ ପରିଚିତ । ବେଳେ ବେଳେ ଆମେ ଖାଦ୍ୟ ସଂପୂର୍ଣ୍ଣ ନଖାଇ ଫୋପାଡ଼ି ଦେଲେ କେହି କେହି ଲକ୍ଷ୍ମୀଛଡ଼ା ବୋଲି କହିଥା'ନ୍ତି । ତେବେ କେବଳ ଖାଦ୍ୟ ଫୋପାଡ଼ିଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗେ ନାହିଁ । ଲକ୍ଷ୍ମୀଛଡ଼ା ଦୋଷ ଲାଗିବା ପଛରେ ଆହୁରି ଅନେକ କାରଣ ରହିଛି । ଲକ୍ଷ୍ମୀଛଡ଼ା ଦୋଷ ଲାଗିଲେ ଦରିଦ୍ରତା ଆସିଥାଏ । ଯେତେ ଆୟ କଲେ ମଧ୍ୟ ନିଅଣ୍ଟ ପଡ଼େ । ତା'ହେଲେ ଆସନ୍ତୁ ଜାଣିବା କେଉଁ କେଉଁ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ । ସେ ସଂପର୍କରେ ବାସ୍ତୁବିଦ୍ ଡକ୍ଟର ମନୋଜ ଲେଙ୍କା କ'ଣ କହିଛନ୍ତି, ପଢ଼ନ୍ତୁ-

- ସ୍ତ୍ରୀ, ମାଆ, ଝିଅ ବା କୌଣସି ନାରୀଙ୍କୁ ଅପମାନିତ କରିବା, କଷ୍ଟ ଦେବା ଦ୍ୱାରା ଲକ୍ଷ୍ମୀଛଡ଼ା ଦୋଷ ହେଇଥାଏ । କାରଣ ଏମାନେ ହେଉଛନ୍ତି ମାଆ ଲକ୍ଷ୍ମୀଙ୍କ ପ୍ରତୀକ ।
- ସକାଳୁ ଶୀଘ୍ର ନଉଠି ଡେରି ପର୍ଯ୍ୟନ୍ତ ଶୋଇ ରହିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ । ଯେଉଁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରୁଛନ୍ତି, ସେମାନେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଲେ ଚଳିବ । କିନ୍ତୁ ଯେଉଁମାନେ ଶୀଘ୍ର ଶୋଇ ମଧ୍ୟ ସକାଳେ ଡେରିରେ ଉଠୁଛନ୍ତି, ସେମାନେ ଭୁଲ୍ କରୁଛନ୍ତି ।
- ଖାଦ୍ୟ ନଷ୍ଟ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ । ଆମେ ବଳକା ଖାଦ୍ୟକୁ ନଫୋପାଡ଼ି ଗାଈଗୋରୁ, କୁକୁର ଓ ପକ୍ଷୀଙ୍କୁ ଦେଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗିବ ନାହିଁ ।
- ଗୃହରେ ରାତିରେ ଅଇଁଠା ବାସନ ପକାଇ ରଖିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ।
- ମହାପ୍ରସାଦ, ତୁଳସୀ, ଶଙ୍ଖ, ବିଗ୍ରହ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ପାଦରେ ସ୍ପର୍ଶ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ।
- ରୋଷେଇ ପରେ ଭଗବାନଙ୍କୁ ଖାଦ୍ୟ ଅର୍ପଣ ନକରି ସେବନ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ।
- ନିଜ ମାଆ, ବାପା ଓ ସ୍ତ୍ରୀଙ୍କୁ ହତାଦାର କରିବା ସହିତ ଘରୁ ତଡ଼ିଦେଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ।
- ଗୁରୁ, ଗୁରୁ ପତ୍ନୀ ସମ ବ୍ୟକ୍ତି ବିଶେଷଙ୍କୁ ଅପମାନିତ କଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗିଥାଏ ।

ଘରେ ତିଆରି କରନ୍ତୁ ଛତୁର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ । ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ । ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ ।

ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ । ପରେ ତାକୁ ତେଲରେ ଛାଣନ୍ତୁ । ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଛତୁ ବରା ।

ମଲ୍ଟିଭିଟାମିନ୍ ଖାଇଲେ ଦୀର୍ଘାୟୁ ହେବେ ନାହିଁ, ଭାଗ୍ୟ ଗବେଷଣା

ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ କେହି ଦୀର୍ଘାୟୁ ହେବେ ନାହିଁ । ବରଂ ଏହା ଶୀଘ୍ର ମୃତ୍ୟୁ ଘଟିବାର ଆଶଙ୍କାକୁ ବଢ଼ାଇ ଦେଇପାରେ । ଏକ ବଡ଼ ଗବେଷଣାରୁ ଏହା ଜଣାପଡ଼ିଛି । ଆମେରିକାର ମେରୀଲ୍ୟାଣ୍ଡ ସ୍ଥିତ ନ୍ୟାଶନାଲ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଗବେଷଣା କରାଯାଇଥିଲା । ୩ ଲକ୍ଷ ୯୦ ହଜାର ୧୨୪ ଜଣ ସୁସ୍ଥ ପ୍ରାପ୍ତ ବୟସ୍କ ଆମେରିକୀୟଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେହି ବଡ଼ଧରଣର ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ନଥିଲେ । ୨୦ରୁ ଅଧିକ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା । ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ ମୃତ୍ୟୁ ଆଶଙ୍କା ହ୍ରାସ ପାଏ ବୋଲି ଏହି ଗବେଷଣାରୁ ଗବେଷକମାନେ କୌଣସି ପ୍ରମାଣ ପାଇ ନଥିଲେ । ଓଲଟି ପ୍ରତ୍ୟେକ ଦିନ ମଲ୍‌ଟିଭିଟାମିନ ଖାଉଥିବା ଲୋକଙ୍କ ମୃତ୍ୟୁ ଆଶଙ୍କା ୪% ଅଧିକ ଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି । ତେଣୁ ଗବେଷକମାନେ ଏଥିରେ ଉପନୀତ ହୋଇଥିଲେ ଯେ ଦୀର୍ଘାୟୁ ହେବାର ମଲ୍‌ଟିଭିଟାମିନ୍ ସହାୟକ ହୋଇ ନଥାଏ । ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ମଲ୍‌ଟିଭିଟାମିନ୍‌ର ବ୍ୟବସାୟ ବଢ଼ି ଚାଲିଛି । କେବଳ ଆମେରିକାରେ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରୁ ଏକ ତୃତୀୟାଂଶ ବିଭିନ୍ନ ପ୍ରକାର ମଲ୍‌ଟିଭିଟାମିନ୍‌ର ବ୍ୟବହାର କରନ୍ତି । ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ସେମାନେ ମଲ୍‌ଟିଭିଟାମିନ ସେବନ କରନ୍ତି । ମଲ୍‌ଟିଭିଟାମିନ୍‌ର ଏତେ ଚାହିଦା ଥିବା ସତ୍ତ୍ୱେ ଗବେଷକମାନେ ଏହାର ସ୍ୱାସ୍ଥ୍ୟ ଉପକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ଓ ଏହା ଶରୀର ପାଇଁ କ୍ଷତିକାରକ ବୋଲି ଚେତାଇ ଦେଇଛନ୍ତି । ଗବେଷକମାନଙ୍କ କହିବାନୁଯାୟୀ, ବିଭିନ୍ନ ପ୍ରକାର ଖାଦ୍ୟରୁ ଆମେ ପାଉଥିବା ବେଟା-କ୍ୟାରୋଟିନ୍ କ୍ୟାନ୍‌ସରରୁ ସୁରକ୍ଷା ଦେଇଥାଏ । କିନ୍ତୁ ବେଟା-କ୍ୟାରୋଟିନ୍ ସପ୍ଲିମେଣ୍ଟଗୁଡ଼ିକ କ୍ୟାନସର ଓ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ । ସେହିପରି ଅନେକ ମଲ୍‌ଟିଭିଟାମିନ୍‌ରେ ଥିବା ଆଇରନ ଶରୀରରେ ଆଇରନର ମାତ୍ରାକୁ ଅଧିକ କରିଦେଇପାରେ । ଆଉ ଏହା ହୃଦରୋଗ, ଡାଇବେଟିସ୍ ଓ ଡିମେନଶିୟା ଭଳି ରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ ।

ଲିଭର୍ ସୁସ୍ଥ ରଖିବାର ୫ ଉପାୟ

ଲିଭର୍ ବା ଯକୃତ ମାନବ ଶରୀରର ଏକ ମୂଲ୍ୟବାନ ଅଙ୍ଗ । ଏହି ଅଙ୍ଗ ସମ୍ପୂର୍ଣ୍ଣକାର୍ଯ୍ୟକ୍ଷମ ହୋଇପାରେ । ଅର୍ଥାତ୍ ଲିଭରର କିଛି ଅଂଶ ଦାନ କରିଦେଲେ ମଧ୍ୟ ଏହା ପୁଣି ଠିକ୍ ହୋଇଯାଇଥାଏ, ପୂର୍ବ ଆକାର ନେଇ ଯାଇଥାଏ । କିନ୍ତୁ ବର୍ତ୍ତମାନର ଖରାପ ଖାଦ୍ୟପେୟ ଲିଭରକୁ ମଧ୍ୟ ନଷ୍ଟ କରି ଦେଉଛି । ଅନେକ ଲୋକ ଲିଭର୍ ସିରୋସିସ ଭଳି ରୋଗର ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ତେଣୁ ଏହାକୁ ସୁସ୍ଥ ରଖିବା ନିହାତି ଜରୁରୀ । ଖାଦ୍ୟପେୟରେ କି କି ପରିବର୍ତ୍ତନ ଆଣି ଲିଭରକୁ ସୁସ୍ଥ ରଖିପାରିବେ, ଜାଣନ୍ତୁ...

ଯକୃତକୁ ସୁସ୍ଥ ରଖିବା ପାଇଁ କଣ କରିବା ଉଚିତ୍ ?

ଫାଇବରରେ ଭରପୂର ଖାଦ୍ୟ ଖାଆନ୍ତୁ- ଯକୃତକୁ ସୁସ୍ଥ ରଖିବା ପାଇଁ ଫାଇବରରେ ଭରପୂର ଥିବା ଖାଦ୍ୟ ଖାଆନ୍ତୁ । ଉଚ୍ଚ ଫାଇବର ଥିବା ଖାଦ୍ୟ ପେଟକୁ ସୁସ୍ଥ ରଖେ ଏବଂ ଓଜନ ହ୍ରାସ କରେ । ଏଥିପାଇଁ ନିୟମିତ ସାଲାଡ୍ ଖାଆନ୍ତୁ । ସାଲାଡ୍ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ ଏବଂ ଶରୀରରେ ଜମା ହୋଇଥିବା ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ ।

କମ୍ ତେଲ ଓ ମସଲା ଖାଆନ୍ତୁ- ଅଧିକ ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ଯକୃତ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ତେଣୁ ପ୍ରତିଦିନ ତେଲ କମ୍ ଓ ସନ୍ତୁଳା ଖାଦ୍ୟ ଖାଆନ୍ତୁ । ଯଥା ସମ୍ଭବ କମ୍ ତେଲରେ ରୋଷେଇ ପନିପରିବା ଗ୍ରହଣ କରନ୍ତୁ ।

୮ ଗ୍ଲାସ୍ ପାଣି ପିଅନ୍ତୁ- ଯକୃତର ସଠିକ୍ କାର୍ଯ୍ୟ ପାଇଁ ଶରୀରରେ ପର୍ଯ୍ୟାପ୍ତ ପରିମାଣର ଜଳ ନିହାତି ଆବଶ୍ୟକ । ତେଣୁ ଦିନକୁ ଅତି କମରେ ୮-୧୦ ଗ୍ଲାସ୍ ପାଣି ପିଇବା ଜରୁରୀ । ଏହା ସ୍ୱାଭାବିକ ଭାବରେ ଶରୀରକୁ ଡିଟକ୍ସିଫଏ କରିଥାଏ ଏବଂ ଖରାପ ପଦାର୍ଥକୁ ନିଷ୍କାସିତ କରି ଯକୃତକୁ ସୁସ୍ଥ ରଖିଥାଏ ।

ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ- ଯକୃତ ହେଉ କିମ୍ବା ଅନ୍ୟ କୌଣସି ଅଙ୍ଗ, ଚର୍ବି ହେଉଛି ସବୁଠାରୁ ବଡ ଶତ୍ରୁ । ଏଥିପାଇଁ ପ୍ରତିଦିନ କିଛି ଶାରୀରିକ କାର୍ଯ୍ୟକଳାପ କରନ୍ତୁ, ଯାହା ଫଳରେ ଶରୀରରୁ ଚର୍ବି ଜମାଟ ବାନ୍ଧିବ ନାହିଁ ।

କୋଲ୍ଡ ଡ୍ରିଙ୍କ୍ସ ଏବଂ ମଦ୍ୟପାନରୁ ଦୂରରେ ରୁହନ୍ତୁ- ଯଦି ଯକୃତକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ଅଧିକ ଚିନିଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ । ବଜାରରେ ଉପଲବ୍ଧ ପ୍ୟାକେଜ୍ କୁସ୍ ଏବଂ ମୃଦୁ ପାନୀୟ ପିଅନ୍ତୁ ନାହିଁ । ମଦ୍ୟପାନ ଯକୃତର ଶତ୍ରୁ, ତେଣୁ ସର୍ବପ୍ରଥମେ ମଦ୍ୟପାନ ଅଭ୍ୟାସକୁ ଦୂରାନ୍ତୁ ।

ବାଦାମ ଚମକାଇବ ଚେହେରା, ଜାଣନ୍ତୁ କିପରି କରିବେ ବ୍ୟବହାର ?

ମନସୁନରେ ଚେହେରାକୁ ଚମକାଇବା ମହିଳାଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିଥାଏ । ବର୍ଷା ଓ ଆର୍ଦ୍ରତା କାରଣରୁ ଚେହେରା ସାଧାରଣତଃ ମଳିନ ଦେଖାଯାଇଥାଏ । ଏପରି କ୍ଷେତ୍ରରେ ତ୍ୱଚାକୁ ଚମକାଇଥାଏ ଚିନାବାଦାମ । ବାଦାମ ଫେସପ୍ୟାକ୍ ଚେହେରାର ଉଜ୍ଜ୍ୱଳ ବୃଦ୍ଧି କରିବା ସହ ଫଳପ୍ରଦ ହୋଇଥାଏ । ପାର୍ଲରରେ ଟଙ୍କା ଖର୍ଚ୍ଚ ନକରି ଘରେ ମଧ୍ୟ ଆପଣ ଚେହେରାକୁ ଚମକାଇ ପାରିବେ । ଭିଟାମିନ 'ସି' ଓ 'ଇ'ରେ ଭରପୁର ଚିନାବାଦାମ ଫେସପ୍ୟାକ୍ ମନସୁନରେ ବେଷ୍ଟ କ୍ଲିଜିଂ ଭାବେ ପ୍ରମାଣିତ ହୋଇଥାଏ । ଏହାସହ ତ୍ୱଚାର କୋଲେଜନ ବଢାଇ ଦାଗଚିହ୍ନ ଦୂର କରିଥାଏ ।

ବାଦାମ ଓ କ୍ଷୀର: ଚେହେରାରୁ ଦାଗ ଦୂର କରିଥାଏ ବାଦାମ ଓ କ୍ଷୀର ପ୍ୟାକ୍ । ଏଥିପାଇଁ ୨ ଚାମଚ ଚିନାବାଦାମକୁ ଭିଜାଇ ବାଟି ଦିଅନ୍ତୁ । ଏହି ପେଷ୍ଟରେ ୨ ଚାମଚ କ୍ଷୀର ଓ ୩ ରୁ ୪ ଚାମଚ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାନ୍ତୁ । ୧୦ ମିନିଟ ପରେ ଉଷୁମ ପାଣିରେ ଚେହେରା ଧୋଇ ନିଅନ୍ତୁ ।

ବାଦାମ ଓ କମଳା: ଭିଟାମିନ ସିରେ ଭରପୁର କମଳା ଓ ବାଦାମର ଫେସମାସ୍କ ତ୍ୱଚାର ପୋର୍ସକୁ ସଫା କରି ନରମ ଓ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ । ଏହି ମାସ୍କ ପ୍ରସ୍ତୁତ ପାଇଁ ୨ଟି କମଳା ସହ ବାଦାମକୁ ବାଟି ପେଷ୍ଟ ତିଆରି କରନ୍ତୁ । ଏବେ ସେଥିରେ ୪ ଚାମଚ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ । ୨୦ ମିନିଟ ପରେ ଗରମ ପାଣିରେ ଧୋଇବା ଦ୍ୱାରା ଚେହେରା ଚମକିଥାଏ ।

ବାଦାମ ଓ କଦଳୀ: ବାଦାମ ଓ କଦଳୀ ଫେସମାସ୍କ ପ୍ରସ୍ତୁତ କରିବା ପାଇଁ ୨ଟି କଦଳୀ ଚକଟି ନିଅନ୍ତୁ । ଏଥିରେ ୨ ଚାମଚ ପିନଟ ବଟର ମିଶାଇ ଚେହେରାରେ ଲଗାନ୍ତୁ । ୧୫ ରୁ ୨୦ ମିନିଟ ପରେ ହାଲୁକା ଉଷୁମ ପାଣିରେ ମୁହଁ ଧୋଇ ନିଅନ୍ତୁ । ସପ୍ତାହକୁ ୨ ରୁ ୩ ଥର ଏପରି ଫେସପ୍ୟାକ୍ ଲଗାଇବା ଦ୍ୱାରା ଚେହେରା ଉଜ୍ଜ୍ୱଳ ଦିଶିଥାଏ ।

ଏହି ସବୁ ପରିବା ହୃଦ୍‌ରୋଗୀଙ୍କ ପାଇଁ ଖୁବ୍ ଭଲ: ଦୈନନ୍ଦିନ ଖାଦ୍ୟରେ ଏସବୁକୁ ସାମିଲ କରନ୍ତୁ

ହୃଦ୍‌ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । କେବଳ ବୟସ୍କ ନହଁନ୍ତି, ବରଂ ଯୁବ ବ୍ୟକ୍ତିଙ୍କ ଭିତରେ ବି ଏବେ ଏହି ରୋଗ ଦେଖିବାକୁ ମିଳୁଛି । ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ । ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା । ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା । ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ । ବିଲାତି ବାଇଗଣ ଖାଇବା ମଧ୍ୟ ଖୁବ୍ ଉପକାରୀ । ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ । ବ୍ରୋକୋଲି ଏକ ଖୁବ୍ ଭଲ ପରିବା । ଏଥିରେ ଥିବା ଭିଟାମିନ୍ ସି ହୃଦ୍‌ରୋଗ ଦମନ କରିବା ପାଇଁ ଯଥେଷ୍ଟ । ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ଏହା କେବଳ ହୃଦ୍‌ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ । ପିଆଜ ଓ ରସୁଣ ବି ହୃଦ୍‌ରୋଗୀଙ୍କ ପାଇଁ ଭଲ ହୋଇଥାଏ । ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ । ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି । ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍‌ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅବସୋସ...

ପରିଶେଷରେ ଆଇସିସି ଟୁର୍ନାମେଣ୍ଟରେ ଭାରତର ଦୀର୍ଘ ଜାଳର ଅବସୋସର ସମାପ୍ତି ଘଟିଛି ବର୍ତ୍ତମାନ ପାଇଁ, ଯଦିଓ କ୍ରିକେଟ୍ର ଶୋ' (ପ୍ରଦର୍ଶନ) ଏମିତି ଚାଲୁ ରହିବ ଆଗକୁ ଆଗକୁ ଏବଂ ନୂଆ ନୂଆ କୀର୍ତିମାନ ଦେଖିବାକୁ ମିଳିପାରେ ଭବିଷ୍ୟତରେ । ତେବେ ବାର୍ଡଜୋସ୍ଟର ଟ୍ରିକ୍ଟାଇନ୍‌ରେ ଶନିବାର ରୋହିତ ବାହିନୀ ଭାରତୀୟ କ୍ରିକେଟ୍‌ମାନଙ୍କ ପାଇଁ ଯେଉଁ ବିଳୟର ବାର୍ତ୍ତା ଆଣି ଦେଇଛନ୍ତି, ତାହା ଅବଶ୍ୟ ସ୍ମରଣୀୟ ଏବଂ ପ୍ରେରଣାଦାୟକ ରହିବ ଯୁବ ପିଢ଼ିର କ୍ରିକେଟ୍ ଖେଳାଳିମାନଙ୍କ ନିମନ୍ତେ, କାରଣ ଏହି ପ୍ରତିଯୋଗିତା ପୂର୍ଣ ହୋଇ ରହିଥିଲା ଦୋଳାୟମାନ ଭାଗ୍ୟ ସହିତ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ । ୧୯୮୩ରେ ଇଂଲଣ୍ଡର ବର୍ମିହମ୍‌ଠାରେ 'କପିଳ ଦେବଙ୍କ ଡେଭିଲ୍‌ମାନେ' ଏକ ଦିବସୀୟ ଆନ୍ତର୍ଜାତିକ ମ୍ୟାରେ ବିଶ୍ୱକପ୍ ଆଣିବା ଏବଂ ଏମ୍‌ଏସ୍ ଧୋନିଙ୍କ ଧମାକାଦାର ବାହିନୀ ୨୦୦୬ରେ ଆଇସିସି ବିଶ୍ୱ ଟି୨୦ କପ୍ ଅଣିବା ପରଠାରୁ ଭାରତରେ ଟିକେଟ୍ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ଏହି ଦେଶର ପ୍ରତିଟି କ୍ରିକେଟ୍ରେମୀ ସଦା ସର୍ବଦା ଶିଳ ଅଶା କମ୍ବା ଅସିହର ମରତୀୟ କ୍ରିକେଟ୍ ଦଳଠାରୁ ଯାହା ଦେଶ ଖେଳୁଥିବା ପ୍ରତିଟି ମ୍ୟାରେ ବିଜୟ ହାସଲ କରିବା ପାଇଁ ଖେଳାଳିମାନଙ୍କୁ ଉତ୍ପାଦିତ କରି ଆସିଛି ବିଶ୍ୱର ସବୁ କ୍ରିକେଟ୍ ଇଥିବା ଦେଶଙ୍କୁ ପରାଜିତ କରିବାକୁ । ଫାଇନାଲରେ ଖେଳର ମୋଡ଼ ବଦଳାଇ ଦେବା ଭଳି କେତେକ ମୁହୂର୍ବ ଥିଲା, ଯାହା ଭାରତ ପକ୍ଷକୁ ତଳିଥିଲା । ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ଆରମ୍ଭରୁ ବିପର୍ଯ୍ୟୟର ଶିକାର ହୋଇଥିବା ସତ୍ତ୍ୱେ ବିରାଟ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ତଥା ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ଦ୍ୱାରା ନଉକାକୁ ଭିଡ଼ିନେବା ଫଳରେ ଭାରତ ଏକ ମର୍ଯ୍ୟାଦାଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା । ପରବର୍ତ୍ତୀ ସମୟରେ ଇନ୍ଦ୍ରଧନୁର ଦେଶ ଭାବରେ ଖ୍ୟାତ ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନ୍ ଯେତେବେଳେ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେବାକୁ ଯାଇଥିଲେ, ଠିକ୍ ସେତିକି ବେଳେ ଅନ୍ୟତମ ଶିଷ୍ଟ ଅଙ୍ଗସାରଣର ଶିକ ପଣ୍ଡାଙ୍କ ବୋଲିଂରେ ୱିକେଟ୍ ପଛରେ ଥିବା ଆଘାତରୁ ଫେରି ଆଇପିଏଲ୍‌ରେ ଉତ୍ତମ ପ୍ରଦର୍ଶନ ବଳରେ ଚୟନ ହୋଇଥିବା ରିସର ପର ତାଙ୍କର କ୍ୟାବ୍ ନେଇ ଦକ୍ଷିଣ ଆଫ୍ରିକାର ଗତିରୋଧ କରିଥିଲେ । ଏହା ପରେ ଡେଭିଡ୍ ମିଲରଙ୍କର ଏକ ଛକା ହେବାକୁ ଯାଉଥିବା ବଲ୍ କୁ ବାଉଣ୍ଡାରୀରେ ସୂର୍ଯ୍ୟ କୁମାର ଯାଦବ ଅବିଶ୍ୱ ସନୀୟ ଭାବରେ କ୍ୟାଟ୍ ଧରି ବିପକ୍ଷ ଦଳର ଆଶାକୁ ଧୂଳିସାତ୍ କରିଦେବାର ଦ୍ୱିତୀୟ ପାହାକୁ ନେଇ ଆସିଥି ଲେ । 'ବୁମ୍ ବୁମମ୍ ବୁମ୍' ଭାବରେ ଖ୍ୟାତ ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ତଥା ଉଦୀୟମାନ ବୋଲ୍ଡର ଅର୍ବୁଦୀପ୍ ସିଂହଙ୍କ ବୋଲିଂ ଭାରତକୁ ବିପଜନକ ମନେ ହେଇଥିବା ଦକ୍ଷିଣ ଆଫ୍ରିକୀୟ ବ୍ୟାଟସମ୍ୟାନମାନଙ୍କ ଆଶାର ଇନ୍ଦ୍ରଧନୁକୁ ଭୋପ କରି ଦେଇଥିଲା ଯାହା ଏଯାବତ୍ ସେମାନଙ୍କ ପାଇଁ ପ୍ରଥମ ଥର ନିମନ୍ତେ ଫଳବତୀ ହେବାକୁ ଯାଇଥିବା ସେମାନେ ଭାବୁଥିଲେ । କ୍ରିକେଟ୍‌ର ଅନ୍ୟ ଦୁଇ ଗୋଟି ଫର୍ମାଟ୍ ଅର୍ଥାତ୍ ଟେଷ୍ଟ୍ ଏବଂ ଏକ ଦିବସୀୟ ମ୍ୟାଚ୍ ଭଳି ଟି୨୦ ଖେଳ ଆଦୌ ନୁହେଁ, ଏହା ପ୍ରମାଣିତ ହୋଇଥିଲା ବାର୍ବାସରେ, କାରଣ ପ୍ରଥମ ଦୁଇ ଗୋଟି ଫର୍ମାଟ୍‌ରେ ପ୍ରତ୍ୟେକ ଖେଳାଳିଙ୍କୁ ବ୍ୟକ୍ତିଗତ ଭାବରେ ଉନ୍ନତ ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ, କିନ୍ତୁ ଶେଷୋଲ୍ ଫର୍ମାଟ୍‌ରେ ଅଧିକତଃ ଏକ ଦଳଗତ ପ୍ରଦର୍ଶନର ଆବଶ୍ୟକତା ରହିଥାଏ, ଯାହା ଭାରତକୁ ଶନିବାର ଥଣି ଦେଇଛି ବିଜୟ । ପୁନଶ୍ଚ, ଏହି ଫର୍ମାଟ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କର ଦଳର ପ୍ରତ୍ୟେକ ଖେଳାଳିଙ୍କ ସହିତ ସୁସମ୍ପର୍କ ଏବଂ ନିଜର ନିଃସ୍ୱାର୍ଥପର ଆକ୍ରମଣାତ୍ମକ ବ୍ୟାଟିଂ ସହିତ କୋଚ୍ ରାହୁଲ ଦ୍ରାବିଡଙ୍କ ନିରବଚ୍ଛିନ୍ନ ପ୍ରେରଣା ଦଳ ପାଇଁ ବରଦାୟକ ସାବ୍ୟସ୍ତ ହୋଇଛି, ଆଉ ମୋଟାମୋଟି ଏହା ହିଁ ଟିମ୍ ଇଣ୍ଡିଆ ପାଇଁ ଆଣି ଦେଇଛି ଚତୁର୍ଥ ବିଶ୍ୱକପ୍ । ଉଦାରଚେତା ଆଇସିସି ଦ୍ୱାରା ବିଶ୍ୱକପୂର ମ୍ୟାଗୁଡ଼ିକ ଏହାର ସମ୍ପତି ପାଇଁ ପ୍ରସିଦ୍ଧ ଭାରତୀୟ କ୍ରିକେଟ୍‌ର ଦର୍ଶକମାନଙ୍କ ନିମନ୍ତେ ହୁଏତ ପ୍ରାରମ୍ଭଲମ୍ ଟିଭି ଦର୍ଶକମାନଙ୍କ ଅନୁସାରେ ଧାର୍ଯ୍ୟ କରାଯାଇଥିଲା । ପରନ୍ତୁ, ଟିମ୍ ଇଣ୍ଡିଆ ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ ହୋଇ ଏକ ଉନ୍ନତ ମାନର ବଳଗତ ପ୍ରଦର୍ଶନ କରି କୋଟି କୋଟି ଭାରତୀୟଙ୍କୁ ଗର୍ବିତ ଅନୁଭବ କରିବାର ସୁଯୋଗ ଭେଟି ଦେଲା, ଯାହା ଅନେକାଂଶରେ ଭୁଲାଇ ଦେବାରେ ସମର୍ଥ ହୋଇଛି ୨୦୨୩ର ଏକଦିବସୀୟ ବିଶ୍ୱକପ୍‌ରେ ଭାରତର ପରାଜୟକୁ । ଏହି ପ୍ରତିଯୋଗିତାରେ ଭାରତୀୟମାନଙ୍କ ପାଇଁ ସବୁଠୁ ବଡ଼ ଆନନ୍ଦର କଥା ଯାହା ଥୁଲା, ତାହା ହେଉଛି- ଯେଉଁ ଅଷ୍ଟ୍ରେଲିଆଠାରୁ ଭାରତ ଏକଦିବସୀୟ ବିଶ୍ୱକପ୍ ଫାଇନାଲରେ ହାରିଥିଲା, ତାହା ଟି୨୦ ଫର୍ମାଟରେ ସେମିଫାଇନାଲକୁ ମଧ୍ୟ ଯାଇ ପାରିଲା ନାହିଁ । ସେହିପରି ପୂର୍ବତନ ଚାମ୍ପିଅନ୍ ଶ୍ରୀ ଷ୍ଟଣ୍ଡିକ ଏବଂ ଇଂଲଣ୍ଡ ମଧ୍ୟ ଏହି ଫର୍ମଟରେ ସେମାନଙ୍କର ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖିବାରେ ବିଫଳ ହୋଇଥିଲେ । ଅପର ପକ୍ଷରେ ଏକ ଆପାତତଃ ଶିଶୁ ଦଳ ଭାବରେ ପରିଚିତ ୟୁଏସ୍‌ଏ ଏବଂ ଆଫଗାନିସ୍ତାନ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କର ଲଢୁଆ ମନୋବୃତ୍ତି ପ୍ରଦର୍ଶନ କରି ଉଭୟ ଦେଶୀ ଓ ବିଦେଶୀ ଦର୍ଶକମାନଙ୍କ ମନ ଜିତି ପାରିଛନ୍ତି । ଟି୨୦ ଫର୍ମାଟ୍ ଯାହା ବାସ୍ତବରେ କ୍ରିକେଟକୁ ବିଶ୍ୱବ୍ୟାପି କରାଇବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତ ହୋଇଛି, ତାହା ନିଜର ଆକର୍ଷଣ ଯୋଗୁଁ ନିଜକୁ ଭଲ ଭାବରେ ବିଜ୍ଞପିତ କରି ପାରିଛି । କ୍ରିକେଟ୍-ପାଗଳ ଭାରତ ପାଇଁ ଏହି ବିଜୟ ହୁଏତ ସର୍ବାଧିକ ଆନନ୍ଦ ଆଣିଦେଇଥାଇପାରେ, କିନ୍ତୁ ଏହା ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରଚୁର ସୁଯୋଗ ଆଣି ଦେଇଛି, ଯାହାର ଅର୍ଥ ହେଉଛି ସବୁରି ଉର୍ଦ୍ଧ୍ୱରେ କ୍ରିକେଟର ବିଜୟ ହୋଇଛି, ଯେପରି ହୋଇଛି ଭାରତୀୟମାନଙ୍କ ଆଶାବାଦର

ଠିକଣା ନଥିବା ଚିଠି

ସୁମନ ଲେଙ୍କା

ସବୁ ଚିଠି କ'ଣ କେବେ
ଠିକଣା ଯାଗାରେ ପହଞ୍ଚେ ?
ପୁଣି କେତେ ଠିକଣା ନଥିବା ଚିଠି
ମୁଦା ଲଫାପା ଭିତରେ ନିଜର ସତ୍ତା
ହରାଏ

କିଛି ଚିଠି ସ୍ମୃତି ହୋଇ
ସାଇତା ହୋଇ ରହିଯାଏ
ଅତୀତର ଡାଏରୀ ଭିତରେ
କିଛି ଚିଠି ଖୋଜିବୁଲେ

ଅମା ଅନ୍ଧକାରରେ
ହଜେଇଦେଇଥିବା
ନିଜର ନିରଳା ଅସ୍ତିତ୍ୱକୁ

ଠିକଣା ନଜାଣି ଚିଠି ଲେଖିବା
ତା'ର ବୋକାମି ହୋଇପାରେ
ତଥାପି ସେ ଲେଖି ଚାଲେ
ପ୍ରୀତିର କାଗଜ ଉପରେ
ଆବେଗ ଭରା କାଳିରେ
ମୋଡ଼ ବଦଳାଉଥିବା ଜୀବନର
ପ୍ରତିଟି ଘଡିସନ୍ଧି ମୁହୂର୍ତ୍ତରେ

ଅଲଣା-୨,ବଛାଳୋ,
ନାଉଗାଁ, ଜଗତସିଂହପୁର
ମୋ: ୭୮୪୮୦୬୨୫୧୦

ଭ୍ରାମକ ବିଜ୍ଞାପନ : ମିଛର ବଜାର - ବଡ଼ ବଜାର



ଗୋପାଳ ମହାପାତ୍ର

ଆଜିକାଲି ଖବରକାଗଜ ଓ ଟେଲିଭିଜନରେ ଅନେକ ବିଜ୍ଞାପନ ଦେଖିବାକୁ ମିଳୁଛି । ଏଥିମଧ୍ୟରୁ ଅନେକ ବିଜ୍ଞାପନ ଭ୍ରାମକ । ଭ୍ରାମକ ବିଜ୍ଞାପନକୁ ରୋକିବା ପାଇଁ ଆଇନ୍ ରହିଛି କିନ୍ତୁ ଏହା ନିଷ୍କ୍ରିୟ । ଆଇନ୍ ନିଷ୍କ୍ରିୟ ନା ଆଇନକୁ ନିଷ୍କ୍ରିୟ କରାଯାଉଛି ତାତ ଭିନ୍ନ କଥା । କିନ୍ତୁ ଏହି ମିଥ୍ୟା ବିଜ୍ଞାପନ ପାଇଁ ଅନେକ ଲାଭବାନ ହେଉଛନ୍ତି ନିଶ୍ଚୟ । ବଜାରବାଦର ଏହି ସମୟରେ ଏମିତି କୌଣସି ବସ୍ତୁ ନାହିଁ ଯାହାର ବିଜ୍ଞାପନ କରାଯାଉନାହିଁ । ବିଜ୍ଞାପନ ପ୍ରସ୍ତୁତ କରୁଥିବା କମ୍ପାନୀମାନେ ଏମିତି ଚତୁରତାର ସହ ବସ୍ତୁ/ ଉତ୍ପାଦର କଥା ବିଜ୍ଞାପନରେ କହିଥାନ୍ତି ଯେକେହି ବି ଚାହିଁଲେ ଜାଣିପାରିବ ନାହିଁ ଯେ ଏହି ଉତ୍ପାଦ ଆମ ପାଇଁ ଜରୁରୀ ନୁହେଁ ବୋଲି । ଏପରିକି ମିଥ୍ୟା ଏବଂ ଭ୍ରାମକ ବିଜ୍ଞାପନ ବବଦରେ କେହି ତଦାରଖ କରିନଥାନ୍ତି । କିଛି ଦିନ ତଳେ ପତଞ୍ଜଳି କମପାନୀର ଭ୍ରାମକ ବିଜ୍ଞାପନକୁ ନେଇ ମାନ୍ୟବର ସୁପ୍ରିମ୍‌କୋର୍ଟ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ । ମାନ୍ୟବର କୋର୍ଟଙ୍କ ଟିପ୍ପଣୀ ପରେ ସୁଚନା ପ୍ରସାରଣ ମନ୍ତ୍ରାଳୟ ସଜାଗ ହୋଇଥିଲା ଓ ବିଜ୍ଞାପନ କମ୍ପାନୀକୁ ସ୍ୱପ୍ରମାଣ ପତ୍ର ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା । କୌଣସି କମ୍ପାନୀର ଉତ୍ପାଦ ପାଇଁ ଯାହା ବିଜ୍ଞାପନରେ କୁହାଯାଇଥାଏ ସେଥିରେ ଯଦି ତ୍ରୁଟି ଦେଖାଯାଏ ବା ତାହାଭୁଲ ବୋଲି ପ୍ରମାଣିତ ହୁଏ ତେବେ କେବଳ ଜୋରିମାନା ନୁହେଁ ବରଂ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ ରହିଛି । ମନ୍ତ୍ରାଳୟ ଦ୍ୱାରା ଏଭଳି ପୋର୍ଟାଲ ମଧ୍ୟ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ବିଜ୍ଞାପନ ଦାତା ସେମାନଙ୍କର ସ୍ୱପ୍ରମାଣପତ୍ର ଅପ୍‌ଲୋଡ଼ କରିବେ/ ଭ୍ରମକ ବିଜ୍ଞାପନରେ ସାମିଲ ଚର୍ଚ୍ଚିତ ବିଶିଷ୍ଟ ବ୍ୟକ୍ତି / ସେଲିବ୍ରିଟିଙ୍କୁ ମଧ୍ୟ ଏଥିପାଇଁ ଦୋଷି କରାଯିବ ବୋଲି ମାନ୍ୟବର କୋର୍ଟ କହିଥିଲେ । କୋର୍ଟଙ୍କ କଡ଼ା ମନ୍ତବ୍ୟ ପରେ ଡେରିରେ ହେଲେ ବି ସମ୍ବନ୍ଧିତ ମନ୍ତ୍ରାଳୟ ଓ ବ୍ୟବସ୍ଥା ଜାଗି ଉଠୁଛି ।

ଅନେକ ବିଜ୍ଞାପନ ଏମିତି ଯେ କୌଣସି ବ୍ୟକ୍ତି ବିଜ୍ଞାପନକୁ ଦେଖି ଆକୃଷ୍ଟ ହୋଇଯିବ । ଉଦାହରଣ ସ୍ୱରୂପ ଗୋରା ହେବା ପାଇଁ ଅନେକ ବିଜ୍ଞାପନ ଦେଖିବାକୁ ମିଳୁଛି । କିନ୍ତୁ ଏକ ତଥ୍ୟ ଅନୁସାରେ ବିଜ୍ଞାପନରେ ଗୋରାପଣ ପାଇଁ କୁହାଯାଉଥିବା କ୍ରିମ୍ ବ୍ୟବହାର କରି ଲୋକେ ଗୋରା ହେଉଛନ୍ତି ନାହିଁ ସେକଥା କହିବା ମୁସ୍କୁଲି କିନ୍ତୁ ସମ୍ପୃକ୍ତ କମ୍ପାନୀ ବଷୟକୁ କୋଟି କୋଟି ଟଙ୍କା ଆୟ କରୁଛି । ଏହି ଅବସ୍ଥା ମଧ୍ୟ ପେୟ ପଦାର୍ଥକୁ ନେଇ ଯାହାର ମାର୍କେଟ ବାର୍ଷିକ ୭୫୦୦ କୋଟି ଟଙ୍କାରେ ପହଞ୍ଚିଲାଣି । ଅନୁମାନ କରାଯାଉଛି ଯେ ମୃଦୁ ପାନୀୟର ବଜାର ୫୭୦୦ କୋଟି ଟଙ୍କାରେ ପହଞ୍ଚିଛି । ବିଡ଼ମ୍ବନା ହେଉଛି ଯେଉଁ ପେୟ ପଦାର୍ଥକୁ ସ୍ୱାସ୍ଥ୍ୟବର୍ଦ୍ଧକ ବୋଲି କୁହଯାଇ ବିକ୍ରୀ କରାଯାଉଛି ସେହି ପେୟ ପଦାର୍ଥ ଅନେକ ବେମାରୀର କାରଣ ପାଲଟୁଛି । ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କମ୍ପାନୀମାନେ ବିଜ୍ଞାପନର ମାୟାଜାଲରେ ଲୋକଙ୍କୁ ଫସାଇ ଲାଭ କମାଇବାରେ ଲାଗିଛନ୍ତି । କୁହାଯାଏ ଯେ ଗୋଟିଏ ମିଛକୁ ୧୦୦ ଥର କହିଲେ ଲୋକେ ତାକୁ ସତ ବୋଲି ଭାବିଥାନ୍ତି । ଏହି କାରଣରୁ ସଡ଼କ ଠାରୁ କାନ୍ଥ/ ପ୍ରାଚୀର ପର୍ଯ୍ୟନ୍ତ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ବିଜ୍ଞାପନ ଛପା ଯାଉନାହିଁ ।

ଛୁଞ୍ଚିଠାରୁ ଉଡ଼ାଜାହାଜ ପର୍ଯ୍ୟନ୍ତ ସବୁ ଜିନିଷର ବିଜ୍ଞାପନ ଦିଆଯାଉଛି । ସମାଚାର ଚ୍ୟାନେଲରେ ଖବର ଠାରୁ ଅଧିକ ବିଜ୍ଞାପନ ପ୍ରସାରିତ କରାଯାଉଛି । ଏସବୁ ବିଜ୍ଞାପନରେ ଅନେକ ଅଶ୍ଳୀଳତା ମଧ୍ୟ ପ୍ରସାରିତ କରାଯାଉଛି । ଏଭଳି ଅବସ୍ଥା ହେଲାଣି ଯେ ଟିଭିରେ ପ୍ରସାରିତ ଅନେକ ବିଜ୍ଞାପନକୁ ପରିବାର ସହ ବସି ଦେଖିପାରିବେ ନାହିଁ । ଟିଭିରେ କଣ୍ଡମର ବିଜ୍ଞାପନ ଦେଖିଲେ ଲାଗେ ଯେମିତି ପର୍ଣ୍ଣ ଫିଲ୍ମ ପ୍ରସାରିତ ହେଉଛି । ପରଫ୍ୟୁମ୍‌ର ବିଜ୍ଞାପନ ତ ଏମିତି ପ୍ରସାରିତ କରାଯାଉଛି ଯାହା ରେପ୍ କଲଚରକୁ ପ୍ରୋତ୍ସାହିତ କରାଯାଉଛି । ମୋଟା ମୋଟି ଦେଖିବାକୁ ଗଲେ ମହିଳାମାନଙ୍କୁ ବିଜ୍ଞାପନାର କେନ୍ଦ୍ରରେ ରଖି ନାରୀ ଦେହକୁ ଅଶ୍ଳୀଳ ଭାବେ ପରସା ଯାଉଛି । ବିଜ୍ଞାପନରେ ମହିଳାମାନଙ୍କୁ କାମୁକ ଭାବେ ଚିତ୍ରିତ କରିବାର କେବଳ ଉପଭୋଗର ବସ୍ତୁ । ଆମ ଦେଶରେ ଅଶ୍ଳୀଳ ପ୍ରଦର୍ଶନ ବିରୁଦ୍ଧରେ ଆଇନ୍ ରହିଛି କିନ୍ତୁ ଆଇନ୍‌କୁ ଆଖିଠାର ମାରି ବିଜ୍ଞାପନ ପ୍ରସାରିତ କରାଯାଉଛି । ମାନ୍ୟବର ସୁପ୍ରିମ୍‌କୋର୍ଟ ତ ଭ୍ରାମକ ବିଜ୍ଞାପନ ଉପରେ ପ୍ରତିବନ୍ଧ ଲଗାଇଦେଲେ କିନ୍ତୁ ବିଜ୍ଞାପନ ମାଧ୍ୟମରେ ପ୍ରସାରିତ କରାଯାଉଥିବା ଅଶ୍ଳୀଳତାକୁ ସଞ୍ଚାନକୁ ନିଆଯିବା ଉଚିତ୍ ।

ଏକଥା ସତ୍ୟ ଯେ ବର୍ତ୍ତମାନ ସମୟରେ ବିଜ୍ଞାପନ ଆମ ଜୀବନର ଅଭିନ୍ନ ଅଶଂ ପାଲଟି ଯାଇଛି । ପରିବର୍ତ୍ତିତ ପରିବେଷରେ ବିଜ୍ଞାପନର ରଙ୍ଗ-ରୂପ ମଧ୍ୟ ବଦଳିବାରେ ଲାଗିଛି । ଗୋଟିଏ ବସ୍ତୁକୁ ଅନ୍ୟ ବସ୍ତୁଠାରୁ ଉତ୍ତମ / ଭଲ ବୋଲି ଦେଖାଇବା ପାଇଁ ବିଜ୍ଞାପନରେ ଅଶ୍ଳୀଳତା ଏମିତି ପ୍ରଦର୍ଶିତ କରାଯାଉଛି ଯାହାର କଳ୍ପନା କରଯାଯାଇପାରିବ ନାହିଁ । କାହା ପାଖରେ ଏଇ ପ୍ରଶ୍ନର ଉତ୍ତର ନାହିଁ ଯେ ଏସବୁ ବିଜ୍ଞାପନ ଆମ ଶରୀର / ଦେହ ଉପରେ କେନ୍ଦ୍ରୀତ କାହିଁକି ? ବିଜ୍ଞାପନରେ ପ୍ରଦର୍ଶନ କରାଯାଉଛି ଯେ ପୁରୁଷର ଅଣ୍ଡରଓୟାର ବା ଫରଫ୍ୟୁମ ପାଇଁ ମହିଳା କେମିତି ସମ୍ମୋହିତ ହେଉଛି । ଏହା କ'ଣ ଅଶ୍ଳୀଳ ନୁହେଁ କି ? କୌଣସି ଉତ୍ପାଦର ବିକ୍ରୀ ବୃଦ୍ଧି ପାଇଁ ମହିଳାଙ୍କ ଅଙ୍ଗ ପ୍ରଦର୍ଶନ ଏବଂ ମିଛର ସାହାରା ନିଆଯାଉଛି କାହିଁକି ? କମ୍ପାନୀମାନେ ମହିଳାଙ୍କୁ ଉପଭୋଗର ବସ୍ତୁ ଭାବେ ପ୍ରଦର୍ଶିତ କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି ? ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ନାରୀ ବା ମହିଳାଙ୍କୁ ଆମ ସଂସ୍କୃତିରେ ଦେବୀମାନଙ୍କ ସହ ତୁଳନା କରାଯାଇଥାଏ ସେଇ ମହିଳାମାନେ କ'ଣ ସେଇ ସମ୍ମାନ ପାଇବା ପାଇଁ ହକ୍‌ଦାର ନୁହଁନ୍ତି ? କିନ୍ତୁ ବିଜ୍ଞାପନରେ ଓଲଟା ଗଙ୍ଗା ବହିବା ଦେଖାଯାଉଛି । ପୁରୁଷଙ୍କୁ ଆକର୍ଷିତ କରିବା ଏଭଳି ବିଜ୍ଞାପନର ଉଦ୍ଦେଶ୍ୟ କଥା ହେଉଛି ଅର୍ଥ ଉପାର୍ଜନ ଏବଂ କୌଣସି ଉତ୍ପାଦକୁ ଆକର୍ଷଣ କରିବା ପାଇଁ ଆମେ ମହିଳାଙ୍କୁ ଏମିତି ଚିତ୍ରିତ କରାଯାଉଛି କାହିଁକି ? ପ୍ରଶ୍ନ ମଧ୍ୟ ସେଇ ନାୟିକାଙ୍କ ପାଇଁ ଯିଏ ଏଭଳି ବିଜ୍ଞାପନରେ କେବଳ ଅର୍ଥ ପାଇଁ ଅଶ୍ଳୀଳତାର ସୀମା ଟପିଯାଉଛନ୍ତି । ବିଜ୍ଞାପନରେ ମହିଳାଙ୍କ ସ୍ୱଚ୍ଛ ଛବି ପ୍ରଦର୍ଶିତ ହେବା ଉଚିତ । କମ୍ପାନୀମାନେ ସେମାନଙ୍କ ଉତ୍ପାଦର ଗୁଣବତ୍ତା ବଢାଇ ପାରିଲେ ଏଭଳି ବିଜ୍ଞାପନ ବା ପ୍ରଚାରର ଆବଶ୍ୟକତା ପଡ଼ନ୍ତା ନାହିଁ । ମହିଳାମାନେ ମଧ୍ୟ ଏକଜୁଟ ହୋଇ ଏଭଳି ବିଜ୍ଞାପନକୁ ବିରୋଧ କରାଯିବା ଉଚିତ । ଭ୍ରାମକ ବିଜ୍ଞାପନର ମାୟାଜାଲକୁ ରୋକିବାକୁ ହେବ ଫଳତଃ ସାଧାରଣ ଜନତା ସେଥିରୁ ବର୍ତ୍ତି ପାରିବେ । ଅଶୋଭନୀୟ ଏବଂ ଅଶ୍ଳୀତ ବିଜ୍ଞାପନ ଉପରେ ପ୍ରତିବନ୍ଧ ଲଗାଇବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ବିନାଶ କାଳେ ବିପରୀତ ବୁଦ୍ଧି

ଇଂ. ଅଭୟ ସୂତାର

ପୁରାଣର ଗୋଟିଏ କଥା ଅଛି, ମନୁଷ୍ୟ ସୃଷ୍ଟି ହେବା ପରେ ବିଧାତା ତାହାଙ୍କୁ ବିଦାୟ ଦେଇ କହିଲେ,ବସ୍! ତୁମେ ସଂସାରକୁ ଯାଅ । ସେଠାରେ ପ୍ରାଣୀମାନଙ୍କ ହିତ ସାଧନ କରିବ ଓ ମୃତ୍ୟୁ ବେଳେ ଅନୁତାପ କରିବା ଭଳି କୌଣସି କାର୍ଯ୍ୟ କରିବ ନାହିଁ । ଏହି କଥାକୁ ଭାବି, ମନୁଷ୍ୟ ବିନୟ ହୋଇ କହିଲା-ପ୍ରଭୁ, ଆପଣ ଆଉ ଟିକିଏ କୃପା କରିବେ । ମରିବା ସମୟରେ ଆଗରୁ ମତେ ଟିକିଏ ଚେତାଇ ଦେବେ, ତା'ହେଲେ ମୁଁ ପଥଭ୍ରଷ୍ଟ ହୋଇଥିଲେ ଠିକ୍ ବାଟକୁ ଆସିଯିବି ଓ ମରିବା ବେଳେ ଅନୁତାପ କରିବା ଭଳି କାର୍ଯ୍ୟ କରିବି ନାହିଁ । ବିଧାତା ତଥାସ୍ତୁ କହି ମନୁଷ୍ୟକୁ ପୃଥିବୀକୁ ପଠାଇ ଦେଲେ ।

ଏଠାକୁ ଆସିବା ପରେ ମନୁଷ୍ୟ ଇନ୍ଦ୍ରିୟ ଓ ବିଳାସ ବାସନା ଭୋଗରେ ନିମଗ୍ନ ହୋଇ ନିଜ ଲକ୍ଷ୍ୟ ଭୁଲି ଗଲା। ଆୟୁ ସରିବା ପରେ ଯମଦୂତମାନେ ଆସି ତାକୁ ନର୍କପୁରକୁ ନେଇଗଲେ । ଗଲାବେଳେ ସେ ବିଧାତାଙ୍କୁ ଦେଖାକରି ଅଭିଯୋଗ କଲା-ଆପଣ ମୃତ୍ୟୁ ସମୟ ଆଗରୁ ମତେ ଚେତାଇ ଦେଲେ ନାହିଁ କାହିଁକି ? ବିଧାତା ହସିଦେଇ କହିଲେ-ତୁମର ହାତ ଥରିଲା, ଦାନ୍ତ ପଡ଼ିଗଲା, ଆଖିକୁ ଠିକ୍ ଦେଖାଗଲା ନାହିଁ, କେଶ ଧଳା ହୋଇଗଲା । ତଥାପି ତୁମେ ମରିବା ବେଳ ଆସିଲା ବୋଲି ଜାଣି ପାରିଲ ନାହିଁ ଓ ସେହି ଅନୁସାରେ ଠିକ୍ ବାଟକୁ ଆସିଲ ନାହିଁ,ଏଥିରେ ମୋର ଦୋଷ କେଉଁଠି ?

ଆଜି ଆମର ସେହି ଅବସ୍ଥା ଉପୁଜିଛି । ପ୍ରାଣୀଙ୍କ ହିତ ପାଇଁ ବିଧାତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପର୍ଯ୍ୟାବରଣର ସୁରକ୍ଷା ଓ ଉନ୍ନତି କରିବା

ଅଂଟା ବ୍ୟଥାକୁ ଅଣଦେଖା କରନ୍ତୁନି

ଅଂଟାବ୍ୟଥାର କାରଣ: ଅଂଟାର ଗଠନଶୈଳୀ ଅନୁସାରେ ମାଂସପେଶୀ, ସ୍ନାୟୁ, ଅସ୍ଥି, ଡିସ୍କ (ମେରୁଦଣ୍ଡ ଚନ୍ଦ୍ରିକା), ଲିଗାମେଣ୍ଟ ଇତ୍ୟାଦି ରହିଛି। ଏଥିରୁ ଯେକୌଣସି ଅଂଶରେ ଅସୁବିଧା ସୃଷ୍ଟି ହେଲେ ଅଂଟାବ୍ୟଥା ହୋଇପାରେ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ପାଖାପାଖି

୪୦% ଲୋକ ସେମାନଙ୍କ ଜୀବନକାଳ ଭିତରେ ଅଂଟା ବ୍ୟଥାର ସମ୍ମୁଖୀନ ହୁଅନ୍ତି। ଏହା ୨୦ରୁ ୮୦ବର୍ଷ ପର୍ଯ୍ୟନ୍ତ ଦେଖାଦେଇପାରେ।

ସାଧାରଣତଃ ଅଣ୍ଟା ବ୍ୟଥାର କାରଣ ୩ ପ୍ରକାର: ଆଘାତଜନିତ ଅଂଟା ବ୍ୟଥା: ମାଂସପେଶୀ ମକଚି ହେବା, ଡିସ୍କ (ମେରୁଦଣ୍ଡ ଚକ୍ରିକା) ଖସିଯିବା, ହାଡ଼ର ସାନ୍ଧ୍ୟତା କମିଯିବା (ଅଷ୍ଟିଓପୋରୋସିସ) ହାଡ଼ ଭାଙ୍ଗିଯିବା କାରଣରୁ ବ୍ୟଥାକୁ ବୈଜ୍ଞାନିକ ଭାଷାରେ ମେକାନିକଲ ଅଣ୍ଟା ବ୍ୟଥା କୁହାଯାଏ।

ଅନ୍ୟ ରୋଗ ଜନିତ: ଗଣ୍ଠିବାତ ଥିଲେ, ପ୍ରୋଷ୍ଟେଟ ବା ଥାଇରଏଡ଼ କ୍ୟାନ୍ସର ରହିଲେ, ଅସ୍ଥି ଯକ୍ଷ୍ମା ରୋଗ ଦ୍ୱାରା ଅଂଟା ବ୍ୟଥା ହେବାକୁ ନନମେକାନିକାଲ ଅଣ୍ଟା ବ୍ୟଥା କୁହାଯାଏ।

ଅଂଟାବ୍ୟଥାର ଅନ୍ୟାନ୍ୟ: ଅନ୍ୟ ଅଙ୍ଗର ଅସୁବିଧା ଯୋଗୁଁ ଅଂଟାବ୍ୟଥାକୁ ରେଫରଡ଼ ଅଂଟାବ୍ୟଥା କୁହାଯାଏ। ଯେପରିକି କିଡନୀ ଷ୍ଟୋନ, ଗଲବ୍ଲାଡର ରୋଗ, ଗର୍ଭାଶୟ ରୋଗରୁ ମଧ୍ୟ ଅଂଟାବ୍ୟଥାର ସମ୍ଭାବନା ରହିଛି।

ଲକ୍ଷଣ: କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅଂଟାରେ ବ୍ୟଥା ହେଲେ ମାଂସପେଶୀ ମକଚି ହେବାର ଲକ୍ଷଣ। ଯଦି ଅଂଟା ବ୍ୟଥା ଗୋଡ଼ ବା ପାଦକୁ ଅଗ୍ରସର ହୁଏ ଏହାକୁ ସିଆଟିକା ବୋଲି କୁହାଯାଏ।

- ଠିଆ ହେଲେ ବା ଚାଲିଲେ ଯଦି ଅଣ୍ଟା ବ୍ୟଥା ବଢ଼ିଯାଏ ଏବଂ ବସିଲେ ଭଲ ଲାଗେ ଏହାକୁ ନ୍ୟୁରୋଲୋଜିକ

କୁଡିକେସନ କୁହାଯାଏ। ମେରୁଦଣ୍ଡର ସ୍ନାୟୁ ପ୍ରଭାବିତ ହେଲେ ଏହା ହୋଇଥାଏ।

- ଅଂଟାବ୍ୟଥା ସକାଳେ ଉଠିଲେ ବେଶୀ ହୁଏ ଏବଂ ଚଲାବୁଲା ପରେ କମିଯିଏ ଏହାକୁ 'ମର୍ଣ୍ଣିଙ୍ଗ ଷ୍ଟିଫନେସ କୁହାଯାଏ।



ଏହା ସାଧାରଣତଃ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ଗଣ୍ଠିବାତ ରୋଗର ଲକ୍ଷଣ ହୋଇଥାଏ।

ରେଡ଼ଫ୍ଲାଗ ଲକ୍ଷଣ ଗୁଡ଼ିକ କ'ଣ?

ଅଂଟାବ୍ୟଥା ଅସହ୍ୟ ହେବା ସହ ଅନ୍ୟ କେତେଗୁଡ଼ିଏ ଲକ୍ଷଣ ଦେଖାଗଲେ ଏହା ଭୟଙ୍କର ରୋଗ ଗୁଡ଼ିକର କାରଣ ହୋଇଥାଏ। ଏହାକୁ ରେଡ଼ଫ୍ଲାଗ ଲକ୍ଷଣ କୁହାଯାଏ। ଯେପରିକି ଅଂଟାବ୍ୟଥା ଅଧିକ ଦିନ ରହି ରାତିରେ ଅଧିକ ଯନ୍ତ୍ରଣା ହେବା, ଓଜନ ଧୀରେ ଧୀରେ ହ୍ରାସ ପାଇବା ଆଦି କ୍ୟାନ୍ସରର ଲକ୍ଷଣ ହୋଇପାରେ। ଅଂଟା ଯନ୍ତ୍ରଣା ଅଧିକ ବଢ଼ି ଝାଡ଼ା ଓ ପରିସ୍ରାରେ ନିୟନ୍ତ୍ରଣ ନରହିବା, ଗୋଡ଼ରୁ ଶକ୍ତି କମିଯାଇ ଚପଲ ପିନ୍ଧିଲେ ପାଦରୁ ଚପଲ ଖସିଯିବା 'କଡ଼ା ଇକ୍ୱିନା ସିଣ୍ଡ୍ରୋମ'ର ଲକ୍ଷଣ ହୋଇପାରେ। ଅନ୍ୟ କୌଣସି ରୋଗ ପାଇଁ ଷ୍ଟେରଏଡ଼ ଔଷଧ ଖାଇବା ସହ ଅଣ୍ଟା ଯନ୍ତ୍ରଣା ଅଧିକ ହେଲେ ଅଷ୍ଟିଓପୋରୋସିସ ଫ୍ରାକଚର ସମ୍ଭାବନା ଥାଏ।

ପରୀକ୍ଷା: ମାଂସପେଶୀ ମକଚି ବ୍ୟଥା ହେଉଥିଲେ କୌଣସି ଟେଷ୍ଟର ଦରକାର ନାହିଁ। ଯଦି ରେଡ଼ଫ୍ଲାଗ୍ ଲକ୍ଷଣ ଥାଏ ତେବେ ଏକ୍ସରେ ଏବଂ ଏମଆରଆଇ କରାଯାଏ। ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ସନ୍ଦେହ ଥିଲେ ରକ୍ତ ପରୀକ୍ଷା ଯେପରିକି ଇଏସଆର, ସିଆରପି, ଏଚଏଲଏବି-୨୭ କରାଯାଏ।

ଚିକିତ୍ସା ସୁବିଧା: ଅଂଟା ବ୍ୟଥା ହେଲେ ପ୍ରଥମେ ତାର କାରଣ ଜାଣିବା ଦରକାର। ଯଦି କୌଣସି ରେଡ଼ ଫ୍ଲାଗ୍ ଲକ୍ଷର ନାହିଁ

ତେବେ ଉପଯୁକ୍ତ ବ୍ୟାୟାମ ଦ୍ୱାରା ଏହା ଠିକ୍ ହୋଇଯାଏ। ଅଧିକ ଦରଜ ହେଲେ ପାରାସିଟାମଲ ଓ ପେନକିଲର ଅଳ୍ପଦିନ ପାଇଁ ବ୍ୟବହାର କରିହେବ। କିନ୍ତୁ ଏହା ବେଶୀ ଦିନ ଖାଇଲେ ଏହାର କୁପ୍ରଭାବ ଖାଦ୍ୟନଳୀ, ବୃକକ ଓ ହାର୍ଟ ଉପରେ ପଡ଼ିବାର ସମ୍ଭାବନା ଅଛି। ତେଣୁ ଅଂଟା ବ୍ୟଥା ଯଦି ୬ ସପ୍ତାହ ମଧ୍ୟରେ କମ୍ ନହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଯଦି ଗଣ୍ଠିବାତ ବା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ରୋଗ ଚିହ୍ନଟ ହୁଏ ତେବେ ରୁ୍ୟମାଟୋଲୋଜିଷ୍ଟଙ୍କ ପରାମର୍ଶ ନିଅନ୍ତୁ। ବେଳେବେଳେ ମେରୁଦଣ୍ଡ ଚକ୍ରିକା ସମ୍ବନ୍ଧୀୟ ରୋଗ ଥିଲେ ଅସ୍ତ୍ରୋପଚାର ଦରକାର ପଡ଼ିଥାଏ। ଯାହା ଉଚ୍ଚତାଲିମ ପ୍ରାପ୍ତ ନ୍ୟୁରୋସର୍ଜନ ବା ଅର୍ଥୋପେଡିକ ସ୍ପେଶାଲିଷ୍ଟମାନେ କରିଥାନ୍ତି।

ପ୍ରତିକାର: ସାଧାରଣ ଅଂଟା ବ୍ୟଥାରୁ ମୁକ୍ତି ପାଇଁ ନିୟମିତ ବ୍ୟାୟାମ ସହ ଓଜନ ନିୟନ୍ତ୍ରଣରେ ରଖନ୍ତୁ। କର୍ମକ୍ଷେତ୍ରରେ ଚେୟାରରେ ବସିବା ସମୟରେ ସିଧା ବସନ୍ତୁ। ନରମ ଚପଲ ବ୍ୟବହାର କରନ୍ତୁ ହାଇହିଲ୍ ଠାରୁ ଦୂରେଇ ରୁହନ୍ତୁ। ଶୋଇବା ସମୟରେ ତକିଆ ଦୁଇ ଆଣ୍ଠୁ ମଧ୍ୟରେ ଦେଇ ଶୋଇଲେ ଏହା ଅଂଟାକୁ ଆରାମ ଦିଏ। ଭାରି ଜିନିଷ ଅଂଟା ନୁଆଇଁ ଉଠାନ୍ତୁ ନାହିଁ। ପ୍ୟାଣ୍ଟ ପକେଟରେ ମୋଟା ପର୍ସ ରଖି ବସନ୍ତୁ ନାହିଁ। ଶୋଇବା ବେଳେ ସମତୁଲ ଓ କମ ଉଚ୍ଚତାର ଶଯ୍ୟା ବ୍ୟବହାର କରନ୍ତୁ।

କମ୍ ସମୟରେ ଦାଗ ଗାଏବ୍

- ଆମେ ପରିବାପତ୍ର କାଟିବା ପାଇଁ ଚପିଂ ବୋର୍ଡ଼ ବ୍ୟବହାର କରିଥାଉ। ବାରମ୍ବାର ବ୍ୟବହାର କରିବା ପରେ ଏଥିରେ ବିଭିନ୍ନ ଦାଗ ରହିଯାଏ, ଆଉ ଦେଖିବାକୁ ଭଲ ଲାଗେନା। ଏହି ଦାଗ ଛଡ଼ାଇବା ପାଇଁ ଚପି ବୋର୍ଡ଼ ଉପରେ ଲୁଣ ପକାଇ କଟା ଲେମ୍ବୁ ପକାଇ କଟା ଲେମ୍ବୁ ଦେଇ ଚିପୁଡ଼ି ଭଲ ଭାବେ ଘଷନ୍ତୁ। ଚପିଂ ବୋର୍ଡ଼ରେ ଥିବା ସମସ୍ତ ଦାଗ ଛାଡ଼ିଯିବ ଓ ନୂଆ ଭଳି ଚିକ୍ ଚିକ୍ ବି ଦେଖାଯିବ।

- ଘରେ ଭେଲଭେଟ୍ ସୋଫାକୁ କିଛିଦିନ ଅନ୍ତରରେ ସଫା କରିବା ପାଇଁ ଆପଣ ବେକିଂ ପାଉଡ଼ର ବ୍ୟବହାର କରିପାରିବେ। ପ୍ରଥମେ ସୋଫାରେ ବେକିଂ ପାଉଡ଼ର ଛଞ୍ଚି ଦିଅନ୍ତୁ। ୫ ମିନିଟ୍ ପରେ ଭାକ୍ୟୁମ୍ କ୍ଲିନରରେ ସଫା କରିନିଅନ୍ତୁ। ସମସ୍ତ ଧୂଳିମଳି ଭଲ ଭାବେ ସଫା ହୋଇଯିବ।

- ଯଦି କାଚ ବାସନରେ କୌଣସି ଦାଗ ଲାଗିଯାଇଛି, ତେବେ ଆଲୁମିନିୟମ ଫଏଲକୁ ବଲ ଆକାର କରି ଏଥିରେ ୱାସିଂ ପାଉଡ଼ର୍ ନେଇ କାଚ ବାସନରେ ଘଷନ୍ତୁ। ଦାଗ ବି ଛାଡ଼ିଯିବ ଓ କାଚରେ ଗାର ବି ପଡ଼ିବନି।

- ଯଦି ଟେବୁଲ କ୍ଲଥ୍ ବା ଡ୍ରେସ୍‌ରେ କଫିର ଦାଗ ଲାଗିଥାଏ, ତେବେ ପ୍ରଥମେ କପଡ଼ାକୁ ଓଦା କରିନିଅନ୍ତୁ। ତା'ପରେ ବେକିଂ ପାଉଡ଼ର ପକାଇ ଛାଡ଼ି ଦିଅନ୍ତୁ। କିଛି ସମୟପରେ ଏହାକୁ ସାମାନ୍ୟ ଘଷି ଧୋଇ ଦିଅନ୍ତୁ। ଦାଗ ଛାଡ଼ିଯିବ।

ଆମ ଘରେ ଥିବା ବିଭିନ୍ନ ପସନ୍ଦିଆ ଜିନିଷରେ କେବେ କେବେ ଏମିତି ଦାଗ ଲାଗିଯାଏ, ଯାହାକୁ ଛଡ଼ାଇବା ପାଇଁ ଆମେ ଚିନ୍ତାରେ ପଡ଼ିଯାଉ। ଏହି ଦାଗ ଛଡ଼ାଇବା ପାଇଁ ଆମେ ନାକେଦମ୍ ହେଉ, ମାତ୍ର ତାହା ଛାଡ଼ି ନଥାଏ। ତେବେ ଏମିତି କିଛି ସରଳ ଉପାୟ ଅଛି, ଯାହା ଜରିଆରେ କେତେକ ଦାଗକୁ ଖୁବ୍ ସହଜରେ ଛଡ଼ାଇପାରିବା। ବାସ୍ ଜାଣିଲେ ହେଲା। ଏଇ ଯେମିତି...

ଉତ୍ତମ ଜୀବନଶୈଳୀରୁ ସୁସ୍ଥ ହୃତପିଣ୍ଡ

- ସକାଳୁ ଉଠି ପ୍ରତିଦିନ ଦୁଇରୁ ତିନି କିମି ପର୍ଯ୍ୟନ୍ତ ଚାଲନ୍ତୁ।
- ନିୟମିତ ବ୍ୟାୟାମ କରନ୍ତୁ।
-ଭୋଜନରେ ପ୍ରତିଦିନ ଫଳ ଓ ପରିବା ସାମିଲ କରନ୍ତୁ।
- ଖାଇବା ସମୟରେ ଖାଦ୍ୟ ଚୋବେଇ ଚୋବେଇ ଖାଆନ୍ତୁ।
- ମିଠା କମ୍ ପରିମାଣରେ ଖାଆନ୍ତୁ। କାରଣ ଅଧିକ ପରିମାଣରେ ମିଠା ଖାଇବା ଦ୍ୱାରା ମୋଟା ହେବାର ସମ୍ଭାବନା ରହିଛି।
- ଚାଲିବା ଅଭ୍ୟାସ ରଖନ୍ତୁ। ଉପରକୁ ଚଢ଼ିବା ବେଳେ ସିଡ଼ିର ବ୍ୟବହାର କରନ୍ତୁ।
- ଧୂମପାନ ଓ ମଦ ସେବନ କରନ୍ତୁନାହିଁ।
- ପ୍ରତିଦିନ ପାଂଚମିନିଟ ଧ୍ୟାନରେ ବସନ୍ତୁ ଏହାଦ୍ୱାରା ଚିନ୍ତାରୁ ମୁକ୍ତି ମିଳିଥାଏ।
- ତିନିରୁ ଚାରି ଲିଟର ପାଣି ପିଅନ୍ତୁ। ହୃଦରୋଗ ଦୂରହେବ।

ପରିସ୍ରା ରୋକନ୍ତୁ ନାହିଁ



କେତେକ ଲୋକ ବ୍ୟସ୍ତତା ମଧ୍ୟରେ ରହି ପରିସ୍ରା ରୋକିଥାନ୍ତି। ହେଲେ ୨/୩ ଘଂଟାରୁ ଅଧିକ ସମୟ ପରିସ୍ରା ନଯାଇ ରୋକିବା ଦ୍ୱାରା ବିଭିନ୍ନ ପ୍ରକାର ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ସେହି ସମସ୍ୟାଗୁଡ଼ିକ...

କିଡନୀ ଷ୍ଟୋନ: ପରିସ୍ରାରେ ୟୁରିଆ ଓ ଏମିନୋ ଏସିଡ଼ ପରି ବିଷାକ୍ତ ତତ୍ତ୍ୱ ରହିଛି। ଯଦି ନିୟମିତ ଭାବରେ ଦୀର୍ଘ ସମୟଧରି ପରିସ୍ରା ନଯାଇ ରୋକାଯାଏ, ତେବେ ଏହି ବିଷାକ୍ତ ତତ୍ତ୍ୱ କିଡନୀରେ ପହଞ୍ଚି ଷ୍ଟୋନ କରିଯାଇଥାଏ।

ପରିସ୍ରା ନଳୀ ସଂକ୍ରମଣ: ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ବ୍ୟାକ୍ଟେରିଆ ଜମା ହୋଇଯାଏ। ଏହି ବ୍ୟାକ୍ଟେରିଆ ଯୋଗୁଁ ପରିସ୍ରା ନଳୀ ସଂକ୍ରମଣି ପରି ସମସ୍ୟା ଉପୁଜିଥାଏ।

ମୂତ୍ରାଶୟରେ ଯନ୍ତ୍ରଣା: ଅଧିକ ସମୟଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଯନ୍ତ୍ରଣା ହେବା ଆରମ୍ଭ ହୋଇଥାଏ। ଏପରିକି ପରିସ୍ରା ଯିବା ସମୟରେ ପେଟ ବହୁତ ଦରଜ ଲାଗିଥାଏ।

କିଡନୀ ଅକାମୀ: ଅଧିକ ସମୟ ପରିସ୍ରା ରେକିବା ଦ୍ୱାରା କିଡନୀ ଉପରେ ଚାପ ପଡ଼ିଥାଏ। ଏହି କାରଣରୁ କିଡନୀ ଅକାମୀ ହେବାର ଅଧିକ ଆଶଙ୍କା ଥାଏ।

ପରିସ୍ରା ରଙ୍ଗ ବଦଳିଯିବା: ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ପରିସ୍ରାରେ ବ୍ୟାକ୍ଟେରିଆ ତିଆରି ହୋଇଥାଏ। ଏଥିପାଇଁ ପରିସ୍ରାର ରଙ୍ଗ ଗାଢ଼ ହଳଦିଆ ହେବା ସହ ବହୁତ ଦୁର୍ଗନ୍ଧ ମଧ୍ୟ ହୋଇଥାଏ।

ମାଂସପେଶୀ ଦୁର୍ବଳ ହେବା: ଦୀର୍ଘସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଷ୍ଟୋଚିଙ୍ଗ ହୋଇଥାଏ। ଏହାଦ୍ୱାରା ମୂତ୍ରାଶୟ ମାଂସପେଶୀ ଦୁର୍ବଳ ହୋଇଥାଏ। ଏହାସହିତ ଦରଜ ମଧ୍ୟ ଲାଗିଥାଏ।

ବାସ୍ତୁ ଅନୁସାରେ ଲଗାନ୍ତୁ ଏହିସବୁ ଗଛ, ପ୍ରାପ୍ତ ହେବ ସକାରାତ୍ମକ ଶକ୍ତି

ସକାରାତ୍ମକ ଶକ୍ତି ବୃଦ୍ଧ ପାଇଁ ବାସ୍ତୁଶାସ୍ତ୍ରରେ ବିଭିନ୍ନ ପ୍ରକାର ଗଛର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି। ଉକ୍ତ ଗଛଗୁଡ଼ିକୁ ସକାରାତ୍ମକ ଶକ୍ତିର ଉତ୍ସ ବୋଲି କୁହାଯାଏ। ତେବେ ବାସ୍ତୁ ନିୟମ ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କେଉଁସବୁ ଗଛ ରଖିପାରିବେ ଆସନ୍ତୁ ଜାଣିବା...

ତୁଳସୀ: ଧାର୍ମିକ ଓ ବାସ୍ତୁ ନିୟମ ଅନୁସାରେ, ତୁଳସୀ ଗଛ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସକାରାତ୍ମକ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ। ତୁଳସୀ ଗଛ ଦ୍ୱାରା ଘରର ଆଖପାଖର ପରିବେଶ ସୁଗନ୍ଧିତ ରହିବା ସହିତ ଏହା ସକାରାତ୍ମକ ଶକ୍ତି ଏବଂ ଧନସମ୍ପଦକୁ ଆକର୍ଷିତ କରିଥାଏ। ତେଣୁ ତୁଳସୀ ଗଛ ଘର ପାଇଁ ଭାଗ୍ୟଶାଳୀ ବୋଲି ବିବେଚନା କରାଯାଏ।

ମଲ୍ଲୀ: ଘରର ସକାରାତ୍ମକ ଶକ୍ତି ବୃଦ୍ଧି ପାଇଁ ମଲ୍ଲୀ ବେଶ୍ ଲାଭଦାୟକ। ଏହାର ସୁଗନ୍ଧ ଶରୀର ଏବଂ ମନକୁ ସତେଜ ରଖିଥାଏ। କୁହାଯାଏ ଯେ, ଯଦି ମୁଖ୍ୟ ଦ୍ୱାରରେ ମଲ୍ଲୀ ଗଛ ଅଛି, ତେବେ ଏହା କେବଳ ଘରକୁ ସୁଗନ୍ଧରେ ପରିପୂର୍ଣ୍ଣ କରିବ ନାହିଁ ବରଂ ଧନ ମଧ୍ୟ ବୃଦ୍ଧି କରିଥାଏ।

ମନିପ୍ଲାଣ୍ଟ: ମନିପ୍ଲାଣ୍ଟକୁ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ମନିପ୍ଲାଣ୍ଟକୁ ଘର ଭିତରେ କିମ୍ବା ଘର ବାହାରେ ମଧ୍ୟ ଲଗାଯାଇପାରିବ। ଏହାଦ୍ୱାରା ପରିବାରରେ ଖୁସିର ମାହୋଲ୍ ରହିଥାଏ। ମନିପ୍ଲାଣ୍ଟ ଦ୍ୱାରା ସୁଖସମୃଦ୍ଧି ମଧ୍ୟ ବୃଦ୍ଧି ହୁଏ।

ତାଳ ଗଛ: ତାଳ ଗଛକୁ ବାୟୁ ବିଶୋଧକ ଭାବେ ବିବେଚନା କରାଯାଏ। ତେଣୁ ଏହାକୁ ଘରର ମୁଖ୍ୟ ଦ୍ୱାର ପାଖରେ ଲଗାଇ ପାରିବେ। ଘରର ମୁଖ୍ୟ ଦ୍ୱାରରେ ତାଳ ଗଛ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ।

ଫର୍ଣ୍ଣ ଗଛ: ଫର୍ଣ୍ଣ ଗଛ ଦେଖିବା ପାଇଁ ଯେତିକି ସୁନ୍ଦର, ଘର ପାଇଁ ସେତିକି ଭାଗ୍ୟଶାଳୀ ମଧ୍ୟ ହୋଇଥାଏ। ବୋଷ୍ଟର୍ଣ୍ଣ ଫର୍ଣ୍ଣ ଗଛକୁ ଘରର ମୁଖ୍ୟ ଦ୍ୱାରରେ ସଜାଇ ରଖୀପାରିବେ। ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଏହା ସହିତ ସୁଖସମୃଦ୍ଧି ମଧ୍ୟ ବୃଦ୍ଧି ହୁଏ।

କମଳା ଗଛ: ଫେଙ୍ଗ୍‌ସୁଇ ଅନୁସାରେ, ଲେମ୍ବୁ ବା କମଳା ଗଛ ମଧ୍ୟ ଘର ପାଇଁ ବହୁତ ଶୁଭ ବୋଲି କୁହାଯାଏ। ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ। ଏହାକୁ ଘରର ମୁଖ୍ୟ କବାଟର ଠିକ୍ ସାମନାରେ ରଖିବା ପରିବର୍ତ୍ତେ ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ରଖନ୍ତୁ।

ଦୀର୍ଘବର୍ଷ ପରେ ମିଳିଲା ନ୍ୟାୟ: ଭାଙ୍ଗିଲା ଜଙ୍ଗଲ ଜମିରେ ନିର୍ମିତ ବେଆଇନ ଆସୋସିଏସନ୍ ଗୃହ

ହରିଚନ୍ଦନପୁର, ୦୨/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବୁଲିଲା ବୋଲଡ୍ଜର୍ । ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବେଆଇନ ଭାବେ ନିର୍ମିତ ହୋଇଥିବା ଆସୋସିଏସନ୍ ଗୃହକୁ ଭାଙ୍ଗିଲା ପ୍ରଶାସନ । ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳ ଠାରେ ଥିବା ମାତାରିଣୀ ଟିପର୍ ଓ ଟ୍ରକ୍ ଓନର୍ ଆସୋସିଏସନ୍ କାର୍ଯ୍ୟାଳୟକୁ ଉଚ୍ଛେଦ କରିଛି ପ୍ରଶାସନ । ତେବେ ୨୦୦୬ ମସିହାରେ ମା ତାରିଣୀ ଟିପର୍ ଓ ଟ୍ରକ୍ ଓନର୍ ଆସୋସିଏସନ୍ ଗଠନ ହୋଇଥିଲା । ଏହି ଆସୋସିଏସନ୍ ଦୈତାରୀ ଆଇରନ ଖଣିରୁ ଆଇରନ ପରିବହନ କରୁଥିବା ଟ୍ରକ ମାଲିକମାନେ ଗଠନ କରିଥିଲେ କିନ୍ତୁ ଏହି ଆସୋସିଏସନ୍ କୁ ବିଜେଡି ଦଳ କଂଟ୍ରୋଲ କରି ଆସୋସିଏସନ୍ ନାଁରେ କୋଟି କୋଟି ଟଙ୍କା ବିଭିନ୍ନ ଆଳ ଦେଖାଇ ଖାଉଥିଲେ । ତେବେ ଶୁଣିବାକୁ ମିଳେ ଏହି ଆସୋସିଏସନ୍ କୁ ପୁରାପୁରି କଂଟ୍ରୋଲରେ ରଖୁଥିଲେ ବିଜେଡିର ରାଜ୍ୟ ଯୁବ ଉପସଭାପତି ସୌମ୍ୟଶଙ୍କର ଚକ୍ର(ରାଜା ଚକ୍ର) । ରାଜା ଚକ୍ରଙ୍କ ଲୋକମାନେ ଏହି ଆସୋସିଏସନ୍ ନାଁରେ ପ୍ରତିଦିନ ହଜାର ହଜାର ଟ୍ରକ ଗୁଡ଼ିକରୁ ଚାନ୍ଦା ଆଦାୟ କରୁଥିଲେ । ତେବେ ପୂର୍ବରୁ ଗୋଟିଏ ଆସୋସିଏସନ୍ କାର୍ଯ୍ୟାଳୟ ଥିବା ବେଳେ କିଛି ବର୍ଷ ପୂର୍ବେ ପୁଣି ଆଉ ଏକ ଆସୋସିଏସନ୍ ଗୃହ ନିର୍ମାଣ କରାଯାଇଛି । ତେବେ ଆଶ୍ଚର୍ଯ୍ୟର କଥା ଦୁଇଟି ଯାକ ଘର ରିଜର୍ଭ ଫରେଷ୍ଟ ଭିତରେ ନିର୍ମାଣ କରାଯାଇଥିଲା । ତେବେ ବିଜେଡି ସରକାର ଥିଲା ବେଳେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା । କିନ୍ତୁ, ରାଜ୍ୟରେ ବିଜେପି ସରକାର ଆସିବା ପରେ ଏବେ ଆକ୍ସନ ମୋଡରେ ବର୍ତମାନ ରାଜ୍ୟ ସରକାର । ତେବେ ଉତରପ୍ରଦେଶର ଯୋଗି ସରକାର ପ୍ରଥମେ ୟୁପିରେ ବୁଲଡ୍ଜୋଜର ଚଳାଇ ଚର୍ଚ୍ଚାରେ ଥିଲେ, ଆଜି ରାଜ୍ୟର କେନ୍ଦୁଝର ଜିଲ୍ଲାରେ ବୁଲଡ୍ଜୋଜର ଚାଲିଛି । ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ସରକାର ହିଁ ସମ୍ଭବ । କେନ୍ଦୁଝର ଜିଲ୍ଲାର ଏହି ବୁଲଡ୍ଜୋଜର ବୁଲିବା ବ୍ରାହ୍ମଣୀପାଳରୁ ଆରମ୍ଭ ହୋଇଛି । ଆଗକୁ ଆହୁରି ଅନେକ ଜାଗାରେ ଏଭଳି ବେଆଇନ ଜବରଦଖଲ ହୋଇଥିବା ଜାଗାରେ ବୁଲଡ୍ଜୋଜର ବୁଲିବ ବୋଲି ଜଣାପଡିଛି ।

ଏହି ଆସୋସିଏସନ୍ କାର୍ଯ୍ୟାଳୟ ଉଚ୍ଛେଦ ସମୟରେ ଅତିରିକ୍ତ ଏସପି, ଆନନ୍ଦପୁର ଏସିଏଫ୍ ଙ୍କ ଉପସ୍ଥିତି ତଥା ବ୍ୟାପକ ସୁରକ୍ଷା ବଳୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ୨ଟି ଆସୋସିଏସନ୍ ଘର ଭାଙ୍ଗା ଯାଇଛି ।

ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ପିପଳପଙ୍କା ପ୍ରକଳ୍ପ ପ୍ରତ୍ୟାହାର ହେଉ

ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲା ଋଷିକୂଲ୍ୟା ବଂଚାଅ କ୍ରିୟାନୁଷ୍ଠାନ କମିଟି

ଗଞ୍ଜାମ, ୦୨/୦୭ (ନି.ପ୍ର): ଗଞ୍ଜାମ ଜୀବନ ଧାରା ଭାବେ ବିବେଚିତ ହେଉଥିବା ଋଷିକୂଲ୍ୟା ନଦୀର ଉପର ମୁଣ୍ଡରେ ପିପଳପଙ୍କା ପ୍ରକଳ୍ପ ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଋଷିକୂଲ୍ୟା ନଦୀର ଅସ୍ତିତ୍ୱ ବିପଦରେ ପଡ଼ିବ। ଏହା ଉପରେ ନିର୍ଭର କରୁଥିବା ଲକ୍ଷାଧିକ ଜନ ସାଧାରଣ ଏହା ଦ୍ୱାରା ପ୍ରଭାବିତ ହେବେ । ତେଣୁ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରନ୍ତୁ ବୋଲି ଋଷିକୂଲ୍ୟା ବଂଚାଅ କ୍ରିୟାନୁଷ୍ଠାନ କମିଟି ଆଜି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକ ଲିଖିତ ନିବେଦନ କରିଛି । ଏହି ପରିପ୍ରେକ୍ଷୀରେ ଏକ ସମାବେଶ ଆୟୋଜନ କରି କମିଟି ଏହି ନିଷ୍ପତି ନେଇଛି।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ନିବେଦନରେ କମିଟି ଉଲ୍ଲେଖ କରିଛି ଯେ, ଗତ ୧୯୯୬ ମସିହାରେ ରାଜ୍ୟରେ କଂଗ୍ରେସ ଶାସନ କାଳରେ ଏହି ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ ବିଭିନ୍ନ ଗଣ ସଂଗଠନ ଏବଂ ଅଂଚଳ ବାସିନ୍ଦା ବିରୋଧ କରିଥିଲେ । କାରଣ ଜଳବାୟୁ ପରିବର୍ତନର ପ୍ରଭାବରେ ସମ୍ପ୍ରତି ଋଷିକୂଲ୍ୟା ନଦୀରେ ଜଳସ୍ରୋତ କମିବା ସହ ଏହାର ସମସ୍ତ ଶାଖା ନଦୀମାନଙ୍କରେ ଉପର ମୁଣ୍ଡ ତଥା ଉପୂତି ସ୍ଥଳରେ ଛୋଟ, ବଡ଼ ଡ୍ୟାମ ନିର୍ମାଣ ହୋଇସାରିଛି । ଫଳରେ ବର୍ଷା ଦିନ ଛଡ଼ା ଅନ୍ୟ ଦିନରେ ସେହି ଶାଖା ନଦୀ ଗୁଡ଼ିକରେ ମୂଳ ଉତ୍ସରୁ ଋଷିକୂଲ୍ୟାକୁ ଜଳ ଆସୁନାହିଁ । ନଦୀର ଦୁଇଟି ମୂଳସ୍ରୋତ ଅଡ଼ଙ୍ଗୀନାଳ ଓ ଋଷିକୂଲ୍ୟା ମିଶିଛନ୍ତି ପିପଳପଙ୍କା ଜଙ୍ଗଲରେ । ଏହା ଋଷିକୂଲ୍ୟା ନଦୀର ମୂଳ ଜଳାଧାର ରୂପେ ସୋରଡ଼ାରୁ ଛତ୍ରପୁର, ଗଞ୍ଜାମ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ବହୁଛି। ଏହି ମୂଳ ଜଳଧାର ଗତ ୪୦ ବର୍ଷ ଭିତରେ କ୍ରମଶଃ କମିକମି ଯାଉଛି। କିନ୍ତୁ, ନଭେମ୍ବର ମାସରୁ ଜୁନ୍ ପର୍ଯ୍ୟନ୍ତ କେବଳ ଜଳଧାର ଏହି ମୂଳସ୍ରୋତରୁ ଆସୁଛି, ଯାହାକି ଋଷିକୂଲ୍ୟା ନଦୀକୁ ବଂଚାଇ ରଖୁଛି । ଏହାଦ୍ୱାରା ନଦୀର ଦୁଇ କୂଳର ଗ୍ରାମବାସୀମାନେ ପିଇବା ପାଣି, ଗୃହପାଳିତ ପଶୁଙ୍କ ପାଇଁ ବ୍ୟବହାର କରିପାରୁଛନ୍ତି।

ଏହା ବ୍ୟତୀତ ଶହ ଶହ ଉଠା ଜଳସେଚନ ପଏଂଟ କାର୍ଯ୍ୟକ୍ଷମ ହୋଇ ଜଳଯୋଗାଣ ହୋଇପାରୁଛି। ଯଦି ମୂଳସ୍ରୋତକୁ ଅଟକାଇ ଡ୍ୟାମ ନିର୍ମାଣ ହେବ ତାହା ହେଲେ ଏହାର ଏକ ମାତ୍ର ମୂଳଧାର ବନ୍ଦ ହୋଇଯିବ। ଏହାର କୁପରିଣାମ ଯୋଗୁଁ ନଦୀର ଜୈବ ବିବିଧତା ନଷ୍ଟ ହେବା ସହ ଋଷିକୂଲ୍ୟା ନଦୀ ମୃତନଦୀରେ ପରିଣତ ହୋଇଯିବ। ଜାନିବିଲି ଠାରୁ ବ୍ରହ୍ମପୁର ସହରକୁ ଜଳଯୋଗାଣ ବାଧାପ୍ରାପ୍ତ ହେବା ସହ ନଦୀର ଦୁଇ ପାର୍ଶ୍ୱରେ ଥିବା ଅଂଚଳରେ ସମସ୍ତ କୁଅ, ପୋଖରୀ ଶୁଖିଯିବ ବୋଲି ଆଶଙ୍କା ପ୍ରକାଶ କରିଛି ଋଷିକୂଲ୍ୟା ବଂଚାଅ କ୍ରିୟାନୁଷ୍ଠାନ କମିଟି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଜଳସେଚନ କରାଯିବ ବୋଲି କୁହାଯାଇଥିଲେ ବି ଏହାର ପାଣି ଲୁହାପାଇପ ଯୋଗେ ଛତ୍ରପୁର ସ୍ଥିତ ଟାଟାର ଆର୍ଥିକ କ୍ଷେତ୍ରରେ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଜଳ ଯୋଗାଣ ହେବ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି । ଏହି ଡ୍ୟାମ ନିର୍ମାଣ ଦ୍ୱାରା ୨୩ଟି ଗ୍ରାମର ଶହ ଶହ ଲୋକ ବିସ୍ଥାପିତ ହେବେ। ତେଣୁ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରକଳ୍ପର ଲାଭ, କ୍ଷତି ବୈଷୟିକ ଓ ପରିବେଶ ବୈଜ୍ଞାନିକ ମାନଙ୍କ ଦ୍ୱାରା କରାଯାଉ। ଏହି ପ୍ରକଳ୍ପ ସଂକ୍ରାନ୍ତରେ ଜଳସେଚନ ବିଭାଗର ସର୍ବୋଚ୍ଚ ଇଞ୍ଜିନିୟର ମାନେ ସର୍ବସାଧାରଣଙ୍କ ଉପସ୍ଥିତିରେ ଜଳଭଣ୍ଡାର ଦ୍ୱାରା ହେବାକୁ ଥିବା କ୍ଷୟକ୍ଷତି ଓ ଲାଭଜନିତ ତଥ୍ୟ ପ୍ରଦାନ କରି ଆଲୋଚନା କରନ୍ତୁ ବୋଲି କମିଟିର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଆର୍ଯ୍ୟଭଟ୍ଟ ପାଉଣ୍ଡେସନର ପ୍ରତିଷ୍ଠାତା ସୁଧିର ରାଉତ, ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବରିଷ୍ଠ ସାମ୍ବାଦିକ ରବି ରଥ, ରାଜେନ୍ଦ୍ର କୁମାର ପଣ୍ଡାପଣ୍ଡା, ବିଘ୍ନେଶ୍ୱର ସାହୁ, ସୀମାଚଂଳ ନାହାକ, ଅଶୋକ କୁମାର ଦଳେଇ, ସୁବାସ ଚନ୍ଦ୍ର ମିଶ୍ର, ଆଦିତ୍ୟ ନାରାୟଣ ରଥ, ସୁବାସ ଚନ୍ଦ୍ର ରାଉତ, ଗଗନ ଚନ୍ଦ୍ର ମଲ୍ଲିକ, ଏ. ସଞ୍ଜିବ ରେଡ଼ିଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

ସିଆରପିଏଫ ଜବାନଙ୍କ ପରଲୋକ

ବୌଦ୍ଧ, ୦୨/୦୭ (ନି.ପ୍ର): ସିଆରପିଏଫ ଜବାନଙ୍କ ପରଲୋକ। ସିଆରପିଏଫ ଜବାନ ନରେନ୍ଦ୍ର କୁମାର ରାଜଙ୍କ ଶନିବାର ରାତିରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଛି । ତାଙ୍କ ଘର ଅନୁଗୁଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଝୁରିକଟା ଗ୍ରାମ ହୋଇଥିବାବେଳେ ତାଙ୍କ ପରିବାର ବୌଦ୍ଧ ସହର ଆନନ୍ଦ ବିହାର ଅଂଚଳରେ ରହୁଥିଲେ । ତାଙ୍କର ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ନିଜ ପୈତୃକ ଗ୍ରାମ ଝୁରିକଟା ସହ ଆନନ୍ଦ ବିହାର ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ସେ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟରତ ଥିବାବେଳେ କିଛିଦିନ ହେବ ଅସୁସ୍ଥ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । କଟକରେ ଶନିବାର ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା । ସିଆରପିଏଫ ପକ୍ଷରୁ ତାଙ୍କ ମରଶରୀରକୁ ବୌଦ୍ଧ ଆନନ୍ଦ ବିହାରକୁ ଅଣାଯାଇଥିଲା । ବୌଦ୍ଧ ପୁଲିସ ପକ୍ଷରୁ ସ୍ୱର୍ଗତ ଯବାନଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଆତ୍ମୀୟପରିଜନ ଶେଷ ଦର୍ଶନ କରିବା ପରେ ବୌଦ୍ଧ ରାଜଘାଟ ଠାରେ ସ୍ୱର୍ଗତ ଯବାନଙ୍କୁ ସିଆରପିଏଫ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ତାପରେ ପରିବାର ପକ୍ଷରୁ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା । ତାଙ୍କର ଦୁଇଟି ଝିଅ ଥିବା ବେଳେ ବଡ ଝିଅ ଦିପ୍ତୀମୟୀ ମୁଖାଗ୍ନି ଦେଇଥିଲେ ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୩ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୦୨/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଅଞ୍ଚଳିନା ପ୍ରଧାନ ଓ ଯସ ପ୍ରତାପ ଶ୍ରୀମଲ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ କ୍ଷ ତନ୍ମଧ୍ୟରେ ୨୩ ଗୋଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ୨ ଗୋଟି ଦରଖାସ୍ତ ମୁଖମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଶିବିରରେ ପଞ୍ଜିକୃତ ଆବେଦନ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭିନ୍ନକ୍ଷମ ଦମ୍ପତି ଦିଲୀପ ମହାନନ୍ଦ (ଭିନ୍ନକ୍ଷମ) ଓ ଡଲି ଭଞ୍ଜ, ଭାଲିଆପଦର, ବୀରମହାରାଜପୁର ଏବଂ ଅଚ୍ୟୁତ ମେହେର (ଭିନ୍ନକ୍ଷମ) ଓ ଉଷା ମେହେର, ପଟାଭାଡ଼ି, ସୋନପୁର ଉଭୟ ଯୋଗ୍ୟ ଦମ୍ପତିଙ୍କୁ ବୈବାହିକ ପ୍ରୋତ୍ସାହନ ଅର୍ଥ ରାଶି ବାବଦରେ ଉଭୟ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ସୌମ୍ୟ ରଞ୍ଜନ ସ୍ୱାଇଁ ବିଡିଓ ସୋନପୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ମେହେର ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ପି ଡି ଡୁଡା ବିଶ୍ୱନାଥ ବାରିକ, ସି ଏସ ଓ ସୁରେଶ ପାଣିଗ୍ରାହୀ, ଉପଜିଲ୍ଲାପାଳ ସୋନପୁର ସୂରଜ କୁମାର ପଟ୍ଟନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ. ଦୁର୍ଗା ପ୍ରସାଦ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ,ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ. ଜିଲ୍ଲା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି. ଜିଲ୍ଲା କ୍ରୀଡା ଅଧିକାରୀ ଚିତ ରଞ୍ଜନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ତେଲ ଇରିଗେଶନ ଡିଭିଜନ ଇଂ. ଜିତେନ୍ଦ୍ର ପାଢ଼ୀ, ନିର୍ବାହୀ ଯନ୍ତ୍ରୀ ଟିପି ଓ ଡବ୍ଲୁ ଓ ଡି ଏଲ ଅଶୋକ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଏଲ ଆଇ ଇଂ. ପ୍ରଫୁଲ୍ଲ ବେହେରା, ଡ. ସୋମ୍ୟାରୁପା ରଥ ତହସିଲଦାର ସୋନପୁର, ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ମନୋରଞ୍ଜନ ପଣ୍ଡା, ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୦୨/୦୭ (ନି.ପ୍ର): ବ୍ରିଟିଶ ଅମଳରୁ ଚାଲିଆସିଥିବା ଭାରତୀୟ ଦଣ୍ଡ ସଂହିତା, ୧୯୮୦, କ୍ରିମିନାଲ ପ୍ରଣାଳୀ କୋଡ,୧୯୭୩ ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନି ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରି ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ - ୨୦୨୩ ଗତ ୨୫ ଡିସେମ୍ବର ୨୦୨୩ ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ଲାଭ କରି ୧ ଜୁଲାଇ ୨୦୨୪ ଠାରୁ ସାରା ଭାରତରେ ଲାଗୁ କରାଯାଇଛି । ଏହି ସମ୍ପର୍କରେ ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କୁ ନେଇ ଜିଲ୍ଲା କାରାଗାରର ଅଧିକ୍ଷକ ଦିଲୀପ କୁମାର ଜେନାଙ୍କ ଅଧକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ପାତ୍ର, ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ବରିଷ୍ଠ ଆଇ ଆଇନଜୀବି ତଥା ପ୍ରମୁଖ ଆଇନିସେବା ପ୍ରତିପକ୍ଷ ପରାମର୍ଶଦାତା/ଓକିଲ ଅଶୋକ କୁମାର ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା, ସମାଜସେବୀ ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା କାରାଗାରର ଅତିରିକ୍ତ ଅଧିକ୍ଷକ ଦିଲ୍ଲୀପ କୁମାର ବେହେରା, ରାମଚନ୍ଦ୍ର ସାହୁଙ୍କ ସହ କାରାଗାରର ସମସ୍ତ କର୍ମକର୍ତା ୨୦୦ରୁ ଅଧିକ ଅନ୍ତେବାସୀ ଯୋଗଦାନ କରିଥିଲେ। ସମସ୍ତ ବକ୍ତା ସେମାନଙ୍କ ଅଭିଭାଷଣରେ ନୂତନ ଆଇନ ଉପରେ ବିସ୍ତୃତ ଭାବେ ବୁଝାଇ ନିଜକୁ ସଂଶୋଧିତ କରି ଏକ ଭଲ ନାଗରିକ ହୋଇ ଦେଶ ଗଠନରେ ବ୍ରତୀ ହେବା ସହ ନିଜ ପରିବାରକୁ ସୁଖ ସମୃଦ୍ଧ ସହ ପରିବାର ସଦସ୍ୟଙ୍କ ଉନ୍ନତି କଳ୍ପେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ପୁରୁଣା ଆଇନ ଓ ନୂତନ ଆଇନର ତୁଳନାତ୍ମକ ପ୍ରାବଧାନ ମାନଙ୍କ ଉପରେ ବିସ୍ତୃତ ଭାବେ ବୁଝାଇ ନୂତନ ଆଇନ କିପରି ତ୍ୱରିତ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବ ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇ ଏହା କିପରି ନାଗରିକ ସପକ୍ଷ ଆଇନ ଭାବେ କାର୍ଯ୍ୟ କରି ଦେଶରୁ ଅପରାଧ କମାଇବାରେ ସକ୍ଷମ ହୋଇପାରିବ ସେ ସଂପର୍କରେ କହିଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ଗୋବିନ୍ଦ ପାତ୍ର ନୂଆ ଓ ପୁରୁଣା ଆଇନ ସମ୍ପର୍କରେ ବୁଝାଇବା ସହ ଭଲ ମଣିଷ ଭାବେ ଜୀବନ ବିତାଇବାକୁ ଅନ୍ତେବାସୀଙ୍କୁ ବୁଝାଇ ଥିଲେ। ସମସ୍ତ ଅତିଥିଙ୍କୁ ଔପ ଜକନ ଦେଇ କାରାଗାର ତରଫରୁ ସମ୍ମାନିତ କରାଯାଇଥିଲା।

ସେହିପରି ନୂତନ ଆଇନ ନେଇ ଜିଲ୍ଲାର ଚିତ୍ରକୋଣ୍ଡା, ଓର୍କଲେ, ମାଲକାନଗିରି, ମାଥିଲି, ମୁଦୁଲିପଡ଼ା, ଏମଭି ୭ ୯, ମୋଟୁ ଓ ପଡିଆ ଥାନା ରେ ଏକ ସଭା କାରାଯାଇ ଆଲୋଚନା କରାଯାଇଥିଲା।

ରାମଲା ହାପି ହୋମ ସେବାଶ୍ରମର ପରିଚାଳିକା ଫେରାର : ଚିନ୍ତାରେ ଅନ୍ତେବାସୀ

ଚମ୍ପୁଆ, ୦୨/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସି ଅନ୍ତର୍ଗତ ରାମଲା ଠାରେ ଗତ କିଛି ବର୍ଷ ତଳେ ଖୋଲା ଯାଇଥିବା ହାପି ହୋମ ସେବା ଶ୍ରମ ର ପରିଚାଳିକା ହଠାତ ଏଠାରୁ ଚାଲି ଯାଇ ଥିବାବେଳେ ଏବେ ଏହି ସେବା ଶ୍ରମରେ ରହୁଥିବା ୪ ଅନ୍ତେବାସୀ ଏବେ ଚିନ୍ତାରେ ଥିବା ଜଣା ପଡିଛି। ସୂଚନା ଯୋଗ୍ୟକି, ଗତ କିଛି ବର୍ଷ ତଳେ ରାମଲା ଠାରେ ସୀତାରା ବେଗମ ନାମକ ଜଣେ ମହିଳା ଘର ଭଡା ନେଇ ହାପି ହୋମ ସେବା ଶ୍ରମ ଆରମ୍ଭ କରିଥିଲେ। ଏଠାରେ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ରଖା ଯାଉ ଥିବାବେଳେ ସେମାନଙ୍କର ସମସ୍ତ କଥା ସେ ନିଜେ ବିଝୁ ଥିଲେ। ତେବେ ସେ ଗତ ରଜ ସଂକ୍ରାନ୍ତି ଠାରୁ ହଠାତ ସେ ଏଠାରୁ କୁଆଡେ ଚାଲି ଯାଇଥିବା ଜଣା ପଡିଛି। ତାଙ୍କ ମୋବାଇଲ ରେ ଯୋଗାଯୋଗ ପାଇଁ ଚେଷ୍ଟା ସତ୍ତ୍ୱେ ମେ ମୋବାଇଲ ରିସିଭ କରୁନାହାନ୍ତି। ଏବେ ଏହି ସେବାଶ୍ରମରେ ୪ଜଣ ଅସହାୟ ବୃଦ୍ଧା ରହୁଥିବା ବେଳେ ସେମାନଙ୍କ ପାଇଁ ଖାଇବା ସାମଗ୍ରୀ ଶେଷ ହୋଇ ଯାଇଛି। ଏମାନଙ୍କ ରୋଷେଇ ପାଇଁ ଜଣେ ରୋଷେୟା ରହୁ ଥିଲେହେଁ ଗତ କିଛି ଦିନ ହେବ ଖାଇବା ପିଇବା ର ସମସ୍ୟା ସୃଷ୍ଟି ହୋଇଛି। ଏନେଇ ଆଜି ଗ୍ରାମବାସୀ ଚମ୍ପୁଆ ଉପଜ

ଚାଷୀମାନଙ୍କୁ ଫସଲ ପାଇଁ ସମସ୍ତ ସୁବିଧା ଯୋଗାଇଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବାରିପଦା , ୦୨/୭ (ନି.ପ୍ର): ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଚାଷୀକୂଳ ପାଇଁ ଏକ ଗମ୍ଭୀର ବିଷୟ ହୋଇ ରହିଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାପାଳ ଏଥି ନିମନ୍ତେ ତତ୍ପରତା ଏବଂ କାର୍ଯ୍ୟକ୍ଷମତା ଦେଖାଇଛନ୍ତି। ଏଥି ସହିତ ପାଣିପାଗ ବିଭାଗ ତରଫରୁ ଆଗାମୀ ୮ ଦିନ ଯାଏଁ ଭଲ ବର୍ଷା ହେବାର ଅନୁମାନ କରା ଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ମଧ୍ୟ ସୂଚନା ଦିଆଯାଇଛି। ଏଣୁ, ଏହି ପରିପ୍ରେକ୍ଷୀରେ ଚାଷୀ ମାନଙ୍କୁ ମରୁଡି ସମସ୍ୟାକୁ ନେଇ ଭୟଭୀତ ନହେବା ପାଇଁ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତ ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ଏବଂ ଲାଇନ ବିଭାଗର ଅଧିକାରୀ ମାନଙ୍କ ସହିତ ଆଭାସୀ ମାଧ୍ୟମରେ କାର୍ଯ୍ୟାଳୟ ସ୍ଥିତ ଓଶ୍ୱାନ ହଲ ଠାରେ ଏକ ବୈଠକ ମାଧ୍ୟମରେ ଜଣାଇଥିଲେ। ଜିଲ୍ଲାରେ ସମସ୍ତ ପ୍ରକାର ଚାଷୀ ଭାଇ ଓ ଭଉଣୀ ମାନଙ୍କ ସାମଗ୍ରିକ ବିକାଶର ଆଭିମୁଖ୍ୟ ଆଧାର କରି ଅଧିକାରୀ ମାନଙ୍କୁ ସେମାନଙ୍କ ସମସ୍ତ ଦାୟିତ୍ୱକୁ ସଠିକ ଭାବରେ ପାଳନ କରିବା ସହିତ, ନିଜ ନିଜ ଅଂଚଳର ସମସ୍ତ ପ୍ରକାର ଚାଷୀ ମାନଙ୍କୁ ଚାଷ ସମ୍ବନ୍ଧୀୟ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ କହିଛନ୍ତି। ନିଅଣ୍ଟିଆ ବର୍ଷା ଯୋଗୁଁ ଜଳ ସେଚନରେ କୌଣସି ଅସୁବିଧା ଯେପରି ନହୁଏ ସେଥିପାଇଁ ବ୍ଲକ ଏବଂ ପଂଚାୟତ ସ୍ତରରେ ଜଳାଶୟ ଗୁଡିକର ଚିହ୍ନଟ ଏବଂ ସେମାନଙ୍କ ପୁନରୁଦ୍ଧାର ସହିତ ବୋରୱେଲ ଜଳ ସେଚନ ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଂଚାୟତରେ ଅତିକମରେ ଗୋଟିଏ ଚାଷ ଜମି ସେଚିତ ଜଳାଶୟ ପାଇଁ ବିଡ଼ିଓ ଏବଂ ପ୍ରତି ଏନଏସିରେ ୫ଟି ଲେଖାଏଁ ଚାଷ ଜମି ସେଚିତ ଜଳାଶୟର କାର୍ଯ୍ୟକାରିତା ହେବ ବୋଲି ଜିଲ୍ଲାପାଳ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସମସ୍ତ ରାଜସ୍ୱ ନିରୀକ୍ଷକ ଏହି ଜଳାଶୟ ଗୁଡିକର ଜିଓ ଟ୍ୟାଗ କାର୍ଯ୍ୟକୁ କରାଇବା ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ ବିଦ୍ୟାଳୟରେ ଛାତ ଉପର ବର୍ଷା ଜଳ ଅମଳ ଏବଂ ସମସ୍ତ ଜଳାଶୟ ଗୁଡିକର ପୁନଃନିର୍ମାଣ ହେବା ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ସମେତ ଏହି କାର୍ଯ୍ୟ ସହିତ ଜଡିତ ପ୍ରତ୍ୟେକ ଅଧିକାରୀ କ୍ଷେତ୍ର ଯାଞ୍ଚ କରିବା ସହିତ କାର୍ଯ୍ୟପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ପଦକ୍ଷେପ ନେବେ। ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ଭୟକୁ ଦୂର କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ସମସ୍ତ ପ୍ରକାରର ସଚେତନତା ଅଭିଯାନ ଆରମ୍ଭ କରିବା ଏବଂ ଗାଁ ଗାଁରେ ପ୍ରଶାସନ ନେଉଥିବା କୃଷି-ହିତକର କାର୍ଯ୍ୟକୁ ଜନମାନସରେ ଆଦୃତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁଜିଲ୍ଲାର ସମସ୍ତ ଆଇଟିଡିଏ, ପ୍ରକଳ୍ପ ନିର୍ଦ୍ଦେଶକ, ବିଡ଼ିଓ, ତହସିଲଦାରଙ୍କ ସମେତ କୃଷି, ଉଦ୍ୟାନ କୃଷି, ଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଜଳ ସେଚନ ଅଧିକାରୀ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଏହି ବୈଠକରେ ନିଜ ବହୁମୂଲ୍ୟ ମତ ପ୍ରକାଶ କରିଥିଲେ।

ନୂଆ ସରକାରର ମନ୍ତ୍ରୀମାନଙ୍କୁ ମିଳିଲା ପିଏସ୍

ଭୁବନେଶ୍ୱର, ୦୨/୭ (ନି.ପ୍ର): ରାଜ୍ୟର ପ୍ରଥମ ବିଜେପି ସରକାରର ବିଭିନ୍ନ ମନ୍ତ୍ରୀମାନଙ୍କୁ ଆଜି ବ୍ୟକ୍ତିଗତ ସଚିବ (ପିଏସ୍) ଯୋଗାଇ ଦିଆଯାଇଛି ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଏହି ବିଜ୍ଞପ୍ତି ଅନୁସାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ବରିଷ୍ଠ ଓଏଏସ୍ ପ୍ରଦୀପ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି । ଶ୍ରୀ ସାହୁ ଏବେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଫିସର ବିଶ୍ୱରଂଜନ ରଥଙ୍କୁ ଅବସ୍ଥାପିତ କରାଯାଇଛି । ଶ୍ରୀ ରଥ ଏବେ ବିଡିଏରେ ଯୁଗ୍ମ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କାର୍ଯ୍ୟାଳୟରେ ଓଏସଡି(ଅଫିସର ଅନ ସ୍ପେଶାଲ ଡ୍ୟୁଟି) ଭାବେ ଓଏଏସ୍ ଅଫିସର ମନୋଜ କୁମାର ବେହେରାଙ୍କୁ ନିଯୁକ୍ତି ମିଳିଛି । ବିଡିଏ ଲ୍ୟାଣ୍ଡ ଅଫିସର ଶ୍ରୀ ବେହେରାଙ୍କୁ ଗତ ସପ୍ତାହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ। ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଫିସର ସମ୍ବିତ କୁମାର ଗଡ଼ନାୟକଙ୍କୁ ନିଯୁକ୍ତି ମିଳିଛି । ଶ୍ରୀ ଗଡ଼ନାୟକ ଏବେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିକୁଞ୍ଜ ବିହାରୀ ଧଳ ଗତକାଲି ଦାୟିତ୍ୱ ନେବା ପରେ ଆଜି ୫ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ସଚିବ ଓ ୨ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏଏସଡି ଭାବେ ଓଏଏସ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି ।

ଅନାଥ ଛାତ୍ରୀର ଦୁଃଖଦ କାହାଣୀ: ପିତା ମାତା ଦେଲେ ନାହିଁ ପରିଚୟ, ସରକାର ଦେଲେନାହିଁ ଆଧାର କାର୍ଡ଼

ଲୋକଙ୍କ ଦୟାରେ ନିର୍ଭର କରି ଦିନ ବିତାଉଛନ୍ତି 'ସାବିତ୍ରୀ'

ଉଦଳା , ୦୨/୭ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକ ଅନ୍ତର୍ଗତ କଷିଗଡ଼ିଆ ଗ୍ରାମର ଦୃଶ୍ୟ । ଏଠାରେ ସାବିତ୍ରୀ ସୋରେନ ନାମକ ଏକ ୧୩ ବର୍ଷ ବୟସର କନ୍ୟା ବର୍ତମାନ କପ୍ତିପଦାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିବା ସହିତ ବଜାର ମଝିରେ ଥିବା ସାମାଜିକ କର୍ମି ମନମୋହନ ମିଶ୍ରଙ୍କ ଘରେ ଆଶ୍ରୟ ନେଇଛି । ଖବର ନେବାରୁ ଜଣାଯାଇଛି ସାବିତ୍ରୀଙ୍କୁ ତାଙ୍କର ମା' ଜନ୍ମ ଦେବା ପରେ ନିଜର ପରିଚୟ ଲୁଚାଇବା ପାଇଁ କୁଆଡ଼େ ଚାଲିଗଲେ । ପରେ କଷିଗଡ଼ିଆ ଗ୍ରାମର ସଦାନନ୍ଦ ସୋରେନ ତାଙ୍କୁ ପାଇ ଘରକୁ ଆଣି ନିଜର ଝିଅ ଭଳି ପାଳିଥିଲେ । ସାବିତ୍ରୀ ବଡ଼ ହେବାରୁ ତାକୁ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ଦେଇଥିଲେ । କିନ୍ତୁ ଖୁବ୍ ଅଳ୍ପଦିନ ମଧ୍ୟରେ ସଦାନନ୍ଦଙ୍କର ଦେହାନ୍ତ ହେଲା ଫଳରେ ସାବିତ୍ରୀର ପାଠ ପଢ଼ାରେ ଡ଼ୋରି ବନ୍ଧା ହେବା ସହିତ ସେ ଲୋକଙ୍କ ଘରେ ଚାକରାଣି ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଇବାରେ ଲାଗିଲା । ଏହିପରି ଦିର୍ଘ ୩ ବର୍ଷ ସମୟ ବିତିଗଲା । ଏହା ସାମାଜିକ କର୍ମି ମନେମୋହନ ମିଶ୍ର ଜାଣିବା ପରେ ସେ ସାବିତ୍ରୀକୁ ତାଙ୍କ ନିଜ ଘରେ ଆଶ୍ରୟ ଦେବା ସହିତ ତାକୁ ପୁଣି ଥରେ ପାଠ ପଢ଼ାଉଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସାବିତ୍ରୀ ୩ ବର୍ଷ ଧରି ଆଦୌ ବିଦ୍ୟାଳୟ ଯାଇନଥିଲେ ମଧ୍ୟ ବିଦ୍ୟାଳୟ ଉପସ୍ଥାନ ଖାତାରେ ରେକର୍ଡ଼ ଠିକ୍ ରହିଥିବାର କଥା ସାଧାରଣରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟି ଯାଇଛି । ଏପରିକି ସେ ଆନୌ ବିଦ୍ୟାଳୟ ନଯାଇ ମଧ୍ୟ ଶ୍ରେଣୀ ପରେ ଶ୍ରେଣୀ ଉତିର୍ଣ୍ଣ ହୋଇ ଚାଲିଥିବାର କଥା ମନମୋହନ ଜଣାଇଛନ୍ତି । ଏହାକିଛି ନୁଆକଥା ନୁହେଁ ସରକାରୀ ବିଦ୍ୟାଳୟ ମାନଙ୍କରେ ଏହିପରି ଫାଇଲ ଚାଷ ରିତିମତ ଚାଲିଛି ବୋଲି ବହୁଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ବର୍ତମାନ ସରକାରୀ ଫାଇଲ କହୁଛି ସାବିତ୍ରୀ ଅଷ୍ଟମ ଶ୍ରେଣୀର ଛାତ୍ରୀ । କିନ୍ତୁ ସାବିତ୍ରୀର ଦକ୍ଷତା ଅନୁସାରେ ସେ ସପ୍ତମ ଶ୍ରେଣୀ ପାଠ ବୁଝି ପାରୁଛି । ତେଣୁ ଅବିଭାବକ ମନମୋହନ ଓ ଛାତ୍ରୀ ସାବିତ୍ରୀ ଉଭୟେ ମିଳିମିଶି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ତାକୁ ଆଉ ଗୋଟିଏ ବର୍ଷ ସପ୍ତମ ଶ୍ରେଣୀରେ ରଖିଦେବା ପାଇଁ ଅନୁରୋଧ ଜଣାଇଛନ୍ତି । କିନ୍ତୁ ଦୁଇଜଣ ଯାକ ଅଧିକାରୀ ଆମେ ଏ ବାବଦରେ କିଛି ସହଯୋଗ କରିପାରିବୁ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଇଥିବାର ଜଣାଯାଇଛି । ଫଳରେ ବିବାଦ ମୁଣ୍ଡ ଟେକିଛି । ଘଟଣା ସମ୍ପର୍କରେ ସାବିତ୍ରୀ ଚିଠି ଲେଖି ବାରିପଦାସ୍ଥିତ ଜିଲ୍ଲା ଶିକ୍ଷାଅଧିକାରୀଙ୍କର ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି । ଏପରିକି ସାବିତ୍ରୀର ଆଧାର କାର୍ଡ଼ ମଧ୍ୟ ନାହିଁ। ଫଳରେ ସେ କୌଣସି ସରକାରୀ ସହଯୋଗ ପାଇପାରୁନଥିବାର କଥା ଜଣାଯାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ସହ ସାବିତ୍ରୀଙ୍କର ଥଇଥାନ ଓ ପାଠ ପଢ଼ାର ବ୍ୟବସ୍ଥା କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି । ଲୋକଙ୍କ ଦୟା ଉପରେ ନିର୍ଭର ନକରି ସାବିତ୍ରୀ କିପରି ସ୍ୱାଭିମାନର ସହ ବଂଚି ରହିବେ ସେଥିପାଇଁ ଓଡ଼ିଶା ସରକାର ପଦକ୍ଷେପ ନିଅନ୍ତୁ ବୋଲି ସ୍ୱେଚ୍ଛାସେବି ସଂଗଠନ ଅଖିଳ ଭାରତ ଗଣତାନ୍ତ୍ରୀକ ମହିଳା ସମିତି, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ, ଜନଜାଗୃତି ମଂଚ ଓ ଷ୍ଟାର ପ୍ରଭୃତି ଦାବି ଜଣାଇଛନ୍ତି ।

ସଦର ନିର୍ବାଚନମଣ୍ଡଳୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ ହେବ 'ବୁଢ଼ାବଳଙ୍ଗ ସଂସ୍କାର ଯୋଜନା'

ବନ୍ୟା ପ୍ରବଣ ନଦୀକୂଳିଆ ଅଂଚଳରେ କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୦୨/୭ (ନି.ପ୍ର): ବନ୍ୟା ପ୍ରବଣ ଅଂଚଳ ଭାବେ ପରିଚିତ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ବନ୍ୟାଜଳ ନିଷ୍କାସନ ଓ ସାମ୍ଭବ୍ୟ ବନ୍ୟା ପରିସ୍ଥିତିର ନିୟନ୍ତ୍ରଣ ପାଇଁ କ୍ଷେତ୍ର ପରିଦର୍ଶନ ସହ ଜଳସେଚନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ବୁଆଁଳ ଓ ବଇଁଚା ପଂଚାୟତର ବୁଢ଼ାବଳଙ୍ଗ ନଦୀକୂଳିଆ ନୂଆପୁର ସିନ୍ଧିଆ, ବେଲବାରିଆ, କୁଡିଆ, ପାରିକୁଳ, ବୁଆଁଳ ପ୍ରଭୃତି ଅଂଚଳର ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ପାଇଁ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀଙ୍କ ସହ ଶ୍ରୀ ଦତ୍ତ ଆଲୋଚନା କରିଛନ୍ତି । ଶ୍ରୀ ଦତ୍ତ ପ୍ରଥମେ ନୁଆପୁର ସିନ୍ଧିଆ ଗ୍ରାମରେ ବୁଢ଼ାବଳଙ୍ଗ ନଦୀକୂଳରେ ସ୍ଥିତି ପରିଖିବା ସହିତ କ୍ରମାଗତ କୂଳ ଖାଉଥିବା ନଦୀତଟର ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷ କରି ନଦୀ ତଟର ସୁରକ୍ଷା ପାଇଁ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀ ଦତ୍ତ କହିଛନ୍ତି । ସଦର ନିର୍ବାଚନମଣ୍ଡଳୀର ବନ୍ୟା ପ୍ରବଣ ଗ୍ରାମଗୁଡିକରେ ବର୍ଷ ବର୍ଷ ଧରି ସମସ୍ୟା ଜର୍ଜରିତ ଜନସାଧାରଣଙ୍କ ଧନ ଓ ଜୀବନ ରକ୍ଷା ପାଇଁ ସ୍ଥାୟୀ ପ୍ରତିକାର ଆବଶ୍ୟକ । ବର୍ଷ ବର୍ଷ ଧରି କୂଳ ଖାଇ ଲୋକଙ୍କ ଜମି ନଦୀ ଗର୍ଭକୁ ଚାଲିଗଲାଣି । ଆଗାମୀ ଦିନରେ ଲୋକଙ୍କୁ ବନ୍ୟା ପ୍ରଭାବରୁ ରକ୍ଷା କରିବାକୁ ବୁଆଁଳ ଓ ବଇଁଚା ପଂଚାୟତର ନଦୀ କୂଳିଆ ଗ୍ରାମଗୁଡିକରେ ସୁରକ୍ଷା ବନ୍ଧ ନିର୍ମାଣ ପାଇଁ ଶ୍ରୀ ଦତ୍ତ ପ୍ରସ୍ତାବ ଦେଇଛନ୍ତି । 'ବୁଢ଼ାବଳଙ୍ଗ ସଂସ୍କାର ଯୋଜନା' ନାମରେ ଜଳସେଚନ ବିଭାଗ ପକ୍ଷରୁ ଏକ ଦୀର୍ଘ ତଥା ସ୍ଥାୟୀ ଯୋଜନା ପ୍ରସ୍ତୁତି ପାଇଁ ସେ କହିଛନ୍ତି । ଫଳରେ ବୁଆଁଳ ଠାରୁ ଆରମ୍ଭ କରି ଟିଆଖିଆ ପର୍ଯ୍ୟନ୍ତ ନଦୀ କୂଳ ସୁରକ୍ଷିତ ହୋଇପାରିବ । ଆସନ୍ତା ମୌସୁମୀ ବର୍ଷା ପରେ ପରେ ଏହି ଯୋଜନାର କାର୍ଯ୍ୟ ପାଇଁ ସର୍ଭେ ଆରମ୍ଭ ହେବ । ତେବେ ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଗ୍ରାମବାସୀମାନେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି । ପୂର୍ବରୁ ବନ୍ୟା ନିୟନ୍ତ୍ରଣ ପାଇଁ ସଂଖ୍ୟାଧିକ ଯୋଜନା ପ୍ରସ୍ତାବ ଥିଲେ ବି କେତେକ ସ୍ଥାନରେ ପଥର ପ୍ୟାଚିଂ ଛଡା ଅନ୍ୟ କୌଣସି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ । ଏକ ସାମଗ୍ରିକ ସଂସ୍କାର ଯୋଜନା ମାଧ୍ୟମରେ ବନ୍ୟା ପ୍ରବଣ ଅଂଚଳର ଲୋକଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ରାଜ୍ୟର ନୂତନ ସରକାର ସମର୍ପିତ ରହିବ । ତୃଣମୂଳସ୍ତର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ଦିଗରେ ଏହିଭଳି ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସର୍ବଦା ପ୍ରୟାସ ଜାରି ରହିବ ବୋଲି ଶ୍ରୀ ଦତ୍ତ କହିଛନ୍ତି । ବୁଢ଼ବଳଙ୍ଗ ନଦୀର ବନ୍ୟା ପ୍ରବଣ ଅଂଚଳ ଗୁଡିକ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ହେବା ଆବଶ୍ୟକତା ଥିବା ବେଳେ ଏବେ ସୁଦ୍ଧା ସ୍ୱଳ୍ପ ସ୍ଥାନରେ ପଥର ପ୍ୟାଚିଂ କାର୍ଯ୍ୟ ସରିଥିବା କହିଛନ୍ତି ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଧାନ । ସରକାରଙ୍କ ଅନୁମୋଦନ ସହିତ ଜନସାଧାରଣଙ୍କ ସହଯୋଗ ରହିଲେ 'ବୁଢ଼ାବଳଙ୍ଗ ସଂସ୍କାର ଯୋଜନା' ଭଳି ଏକ ଦୀର୍ଘ ମିଆଦି ଯୋଜନା ପର୍ଯ୍ୟାୟକ୍ରମେ ଶେଷ ହୋଇପାରିବ ବୋଲି ସେ ମତ ଦେଇଛନ୍ତି । ଏହି କ୍ଷେତ୍ର ପରିଦର୍ଶନ ସମୟରେ ଜଳସେବନ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତାପସ କୁମାର ନାୟକ ଓ କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ପଟ୍ଟନାୟକଙ୍କ ସହ ବୁଆଁଳର ପୂର୍ବତନ ସମିତି ସଭ୍ୟ ରବିନାରାୟଣ ମହାପାତ୍ର ଓ ଗଣେଶ ପାଢୀ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ବୁଆଁଳର ସରପଂଚ ଜିତେନ ଜେନା, ବୁଆଁଳର ସମିତି ସଭ୍ୟ ମାୟାଧର ମହାଳିକ, ଶ୍ରୀକାନ୍ତ ମହାପାତ୍ର, ସଦାଶିବ ବେହେରା, ଗଜେନ୍ଦ୍ର ଜେନା, ପ୍ରମଲ କୁମାର ସିଂହ, ପ୍ରଶାନ୍ତ ବେହେରା, ସୁରେନ୍ଦ୍ର ଜେନା, ବେଣୁଧର ପରିଡା, ଜୟନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବିଜେପିର ବରିଷ୍ଠ ନେତା ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, କାର୍ତ୍ତିକ ରାଉତ, ଲୋକନାଥ ଭୂୟାଁ, ଧିରଜ ମହାନ୍ତି, ଅନନ୍ତ ନାୟକ, ଅଶୋକ ପାଢୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ପରେ ଜଳସେଚନ ବିଭାଗ ପକ୍ଷରୁ କାର୍ଯ୍ୟରତ ତଥା ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ଆୟୋଜିତ ଏକ ବୈଠକରେ ଶ୍ରୀ ଦତ୍ତ ଯୋଗ ଦେଇଥିଲେ । ସଦର ବ୍ଲକ ଅଂଚଳରେ ବନ୍ୟାଜଳ ନିଷ୍କାସନ, ଲୁଣା ଜୁଆରରୁ ସୁରକ୍ଷା, ଜଳସେଚନ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଚାଲିଥିବା ପ୍ରକଳ୍ପର ଯୋଜନାବଦ୍ଧ ଭାବେ ସଫଳ କାର୍ଯ୍ୟକାରିତା ପାଇଁ ଶ୍ରୀ ଦତ୍ତ ଏହି ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

AFFIDAVIT

An affidavit before the executive Magistrate Basudevpur, I Pusparanee Patra, aged about 18 yrs D/o- Bijay Patra, resident At-Chudamani, Po-Chudamani, P.S-Chudamani Marine, Dist-Bhadrak, Odisha, Declare that my actually name is Puspita Patra but i want to change my name Puspita Patra to Pusparanee Patra due to some reason. Puspita Patra and Pusparanee Patra is one and same person. Henceforth I will be known as Pusparanee Patra in all purpose.

Pusparanee Patra

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ବାପା କୋଳରୁ ଶିଶୁ କନ୍ୟାକୁ ...

ଭୟଭୀତ ହୋଇ ପଡ଼ିଥିବା ସନ୍ତୋଷ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ପିଲାଟିକୁ ପରିବାର ଲୋକେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ବିଭିନ୍ନ ଯାଞ୍ଚ ପରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା କ୍ୟାପିଟାଲ ହସପିଟାଲ ଅଧିକ୍ଷକ ଦିଲ୍ଲୀପ ପଣ୍ଡା କହିଛନ୍ତି । ଖବର ପାଇ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ସନ୍ତୋଷଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲା । ଏହାପରେ ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଗତ ରାତିରେ ତାଙ୍କୁ ଗିରଫ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଆ

ବୁଧବାର, ଜୁଲାଇ ୦୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଜିଲ୍ଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ୨୦୨୪ ଶୁଭାରମ୍ଭ

ବାଲେଶ୍ୱର, ୦୨/୭ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଟ୍ରେନିଂ ୟୁନିଟଠାରେ ଜିଲ୍ଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ୨୦୨୪ ଶୁଭାରମ୍ଭ ହୋଇଯାଇଛି ଓ ଏହି ଅବସରରେ ମାନ୍ୟବର ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ଦୁଲାଳସେନ ଜଗଦ୍ଧେବ, ଏପିଏଚଓ ଡ଼. ମୃତ୍ୟୁଞ୍ଜୟ ମିଶ୍ର, ଭିବିଡ଼ି ଡ଼. ରଞ୍ଜନ ନାୟକ, ଡେପୁଟି କଲେକ୍ଟର ଶ୍ରୀମତୀ ଅସ୍ମିତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ଜିଲ୍ଲାରେ ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ବନ୍ଧରେ ପ୍ରମୁଖ ଆଲୋଚନା କରାଯାଇଥିଲା। ଜିଲ୍ଲାରେ କିପରି ଏହି ରୋଗଗୁଡିକର ନିଦାନ ପାଇଁ ପଦକ୍ଷେପ ନିଆଯାଉଛି ଏବଂ ପ୍ରତ୍ୟେକ ସର୍ବେକ୍ଷଣ ତଥ୍ୟକୁ କିଭଳି ଉପଯୋଗୀତାର ସହିତ ସମ୍ପାଦନା କରାଯାଉଛି ସେ ବିଷୟରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଜଗଦ୍ଧେବ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ହୋଇଥିବା ସର୍ବେକ୍ଷଣ ତଥ୍ୟକୁ ଆଧାର କରି ସମ୍ପୃକ୍ତ ସ୍ଥାନମାନଙ୍କରେ କିଭଳି ଏହି ନିଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ପ୍ରଧାନ ଏହି ସମସ୍ତ ପ୍ରକ୍ରିୟାକୁ ଯଥୋଚିତ ଜନାଦୃତ କରାଇବା ପାଇଁ ଏବଂ ସମସ୍ତ ଅଧିକାରୀ ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ଭଳି ରୋଗର ସଂକ୍ରମଣ କିଭଳି ନ ହେବ ଏବଂ ଏହାର ପୂର୍ବ ଏବଂ ପର ପଦକ୍ଷେପ ପାଇଁ ଜନ ସମ୍ପର୍କ କାର୍ଯ୍ୟକ୍ରମ ମାନ ସଂଯୋଜନା ସହିତ ମଶା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ଯଥା ପାଣି ଜମୁଥିବା ସ୍ଥାନ ମାନଙ୍କରେ ସ୍ୱଚ୍ଛତା, ଅପରିଷ୍କାର ଜଳ ନିଷ୍କାସନ, କୀଟନାଶକ ଔଷଧ ସିଞ୍ଚନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପ୍ରଧାନ କହିଥିଲେ। ଏଠାରେ ସୂଚନା ଥାଉ କି, ଏହି ଅଭିଯାନଟି ୧ ଜୁଲାଇ ଠାରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫ୍‌କୋ ପାରାଦ୍ୱୀପ ମୁଖ୍ୟ କେ.ଜେ ପଟେଲ

ପାରାଦୀପ, ୦୨/୭ (ନି.ପ୍ର): ଏସିଆ ମହାଦେଶର ସର୍ବବୃହତ ସାର କାରଖାନା ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ ଜେ ପଟେଲ ସୋମବାର ଦିନ ଓଡ଼ିଶାର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଭୂବନେଶ୍ୱର ରାଜ୍ୟ ଅତିଥି ଭବନ ପରିସରରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ସାକ୍ଷାତ ବେଳେ ମୁଖ୍ୟମନ୍ତ୍ରୀ ମାଝୀ ଦୀର୍ଘ ସମୟ ଧରି କୃଷକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।ଓଡ଼ିଶାର ଚାଷୀଙ୍କୁ କିପରି ସାର ଠିକ୍ ସମୟରେ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପାରାଦୀପ ଇଫକୋ ୟୁନିଟ ବିଶ୍ୱରେ ପ୍ରଥମକରି ନାନୋ ତରଳ ସାର ଉତ୍ପାଦନ ଆରମ୍ଭ କରିଛି।ଉକ୍ତ ନାନୋ ସାର କୃଷି ଓ କୃଷକଙ୍କ ପାଇଁ ଅନେକ ଉପାଦେୟ ବୋଲି ଇଫକୋ ମୁଖ୍ୟ ପଟେଲ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ବୁଝାଇଥିଲେ। ଇଫକୋ ବିଗତ ବର୍ଷରେ ଓଡ଼ିଶାର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ସବୁବେଳେ ରହିଛି।ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା କ୍ଷେତ୍ରରେ ସବୁବେଳେ ପ୍ରଶାସନକୁ ସହଯୋଗ କରିଛି।ଏପରିକି ମହାମାରୀ ସମୟରେ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଛି। ପ୍ରତିବର୍ଷ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ପାଇଁ ପୁରୀ ପ୍ରଶାସନ ସହିତ ସହଯୋଗ କରିଛି ଏବଂ ଆଗାମୀ ଦିନରେ ମଧ୍ୟ ତାହା ବଳବତ୍ତର ରଖିବା ପାଇଁ ଲକ୍ଷ୍ୟ ରଖିଛି। ଶେଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ପାରାଦୀପ କାରଖାନା ଗସ୍ତ କରିବା ପାଇଁ ଅନୁରୋଧ କରିଥିଲେ ଶ୍ରୀଯୁକ୍ତ ପଟେଲ।ମୁଖ୍ୟମନ୍ତ୍ରୀ ମଧ୍ୟ ଆସିବା ପାଇଁ ସମ୍ମତି ଜଣାଇଛନ୍ତି। ଏହି ଆଲୋଚନା ସମ୍ପୂର୍ଣ୍ଣ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଗଠନମୂଳକ ଥିଲା । ଏଥିପାଇଁ ଶ୍ରୀଯୁକ୍ତ ପଟେଲ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ। ପଟେଲଙ୍କ ସହିତ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଉପସ୍ଥିତ ଥିଲେ।

ଗଗନଧୁଳି ଗ୍ରାମରୁ ସିରଜ ଚୋରୀ: ଖଇରାରେ ଆତଙ୍କ

ଖଇରା, ୦୨/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୁଳି ଗ୍ରାମରେ ସୋମବାର ରାତିରେ ସିରିଜ ଚୋରୀ ହୋଇଯାଇଥିବା ଅଭିଯୋଗ ହୋଇଛି ।। ଜାମୁରେ କାର୍ଯରତ ସିଆରପିଏଫ ଜବାନ ରାଘବାନନ୍ଦ ମାଝୀ ୭ଦିନ ତଳେ ଛୁଟିରେ ଆସିଥିବା ବେଳେ ଦୁବୃତ୍ତ ମାନେ ତାଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ସହ ନଗଦ ୬୦ହଜାର ଟଙ୍କା ଲୁଟି ନେଇଥିବାର ଅଭିଯୋଗରେ ଉଲ୍ଲେଖ କରାଯାଇଛି । ସେହିଭଳି ପରେ ସେହି ଗ୍ରାମର ରବିନ୍ଦ୍ର ସେଠୀ ଗରୁ ଚୋରୀ କରିବା ପରେ କରୁଣାକର ବେହେରାଙ୍କ ଘରେ ପଶି ଚୋରୀ ଉଦ୍ୟମ କରି ବିଫଳ ହୋଇଥିଲେ । ଖଇରା ପୋଲିସ ଓ ସାଇଣ୍ଟଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କିଛି ସଫଳତା ହାସଲ କରିପାରିନଥିବା କୁହାଯାଉଛି ।ଉଏଭଳି ସିରିଜ ଚୋରୀ ଘଟଣା ଖଇରା ଅଞ୍ଚଳରେ କୋକୁଆଭୟ ସୃଷ୍ଟି କରିଛି ।

ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଉପଭୋକ୍ତା ହନ୍ତସନ୍ତ: ଆନ୍ଦୋଳନ ଚେତାବନୀ

ଲଙ୍ଗଳେଶ୍ୱର/ବାଲିଆପାଳ , ୦୨/୭ (ନି.ପ୍ର): ବିଦ୍ୟୁତ୍ ବଣ୍ଟନ କାରୀ ସଂସ୍ଥା ଟାଟା ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଏବେ ବାରଂବାର ବିଦ୍ୟୁତ୍ କାଟ କରୁ ଥିବାରୁ ଉପଭୋକ୍ତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟକୁ କେନ୍ଦ୍ର କରି ଏବେ ଉପଭୋକ୍ତାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିଦ୍ୟୁତ୍ କାଟ ଯୋଗୁଁ ଲୋକଙ୍କ ଧାନ କୁଟା କଳ, ପାଣି ପମ୍ପ, ମୁଡ଼ି ଭଜା ମେସିନ୍ ଆଦି ଖରାପ ହେଉଛି। ଲୋକେ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଅନ୍ୟ ପକ୍ଷରେ ଏବେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁ ଗୁଳି ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବୟସ୍କ ଲୋକ ଓ ରୋଗରେ ପୀଡ଼ିତ ଲୋକମାନେ ଅତ୍ୟଧିକ କଷ୍ଟ ଯନ୍ତ୍ରଣା ଭୋଗ କରୁଛନ୍ତି। ସନ୍ଧ୍ୟାରେ ବାରଂବାର ବିଦ୍ୟୁତ୍ କାଟ ହେଉ ଥିବାରୁ ସ୍କୁଲ୍ , କଲେଜ୍ ଛାତ୍ର ଛାତ୍ରୀମାନେ ପାଠ ପଢ଼ି ନ ପାରି ଘୋର ଅସୁବିଧା ଭୋଗ କରୁଛନ୍ତି। ଏବେ ଅଧିକାଂଶ ଉପଭୋକ୍ତା ଧାର୍ଯ୍ୟ ସମୟ ପୂର୍ବରୁ ବିଦ୍ୟୁତ୍ ଦେୟ ମଧ୍ୟ ପୈଠ କରୁଛନ୍ତି। ବିଦ୍ୟୁତ୍ ଚୋରୀ ମଧ୍ୟ ବହୁ ମାତ୍ରାରେ କମି ଯାଇଛି। ମରାମତି ନାମରେ ଟାଟା ବର୍ଷ ତମାମ ବିଦ୍ୟୁତ୍ କାଟ କରୁଛି। ପୁଣି ଲଗାମ ଛଡା ଭାବରେ। ତାହା ଛଡା ସାମାନ୍ୟ ବର୍ଷା, ଘଡ ଝଡ଼ିରେ ମଧ୍ୟ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ହେଉଛି। ଉପଭୋକ୍ତାମାନେ ବିଭାଗୀୟ ଯନ୍ତ୍ରୀ, ଉପଭୋକ୍ତା ଅଭିଯୋଗ ପ୍ରକୋଷ୍ଠ, ଟାଟା କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ କୁ ଫୋନ୍ କଲେ କିଛି ବି ସୁଫଳ ମିଳୁ ନାହିଁ। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ କମ୍ପାନୀ ବିଦ୍ୟୁତ୍ କାଟ ବନ୍ଦ୍ ନ କଲେ ଚିତ୍ତ ରଞ୍ଜନ ଜେନା, ଅନନ୍ତ କୁମାର ସାହୁ, ନଗେନ୍ଦ୍ର ନାଥ ପ୍ରଧାନ, ଗଣେଶ ଚନ୍ଦ୍ର ନାୟକ, ସୁକୁମାର ସେନ , ଗଣପତି ଭଟ୍ଟ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, କମଳା କାନ୍ତ ପାଢ଼ୀ, ଶିବ ପ୍ରସାଦ ଦାସ ପ୍ରମୁଖ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଟାଟା କୁ ଚେତାବନୀ ଦେଇଛନ୍ତି। ତେବେ ଏ ବାବଦରେ ଟାଟା କମ୍ପାନୀ କତୃପକ୍ଷ ମତା ମତ ଦବାକୁ ମନା କରି ଛନ୍ତି।

ପବିତ୍ର ରଥଯାତ୍ରା ୨୦୨୪ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୨/୭ (ନି.ପ୍ର): ବାଲେଶ୍ୱର ସଦର ମହକୁମାଠାରେ ଆସନ୍ତା ୭ ଓ ୮ ତାରିଖରେ ପାଳିତ ହେବାକୁ ଥିବା ପବିତ୍ର ରଥଯାତ୍ରାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ନ ଘ. ୬ ମି ସମୟରେ ନୂତନ କଲେକ୍ଟୋରେଟର ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ । ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ ଉଦ୍‌ବୋଧନ ଦେଇ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆଇ.ଏ.ଏସ ପ୍ରେବେସନର ଶ୍ରୀ ଦୁଲାଲ ଅଭିଷେକ ଦିଲୀପ, ଅନେକ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ବଡ଼ଦାଣ୍ଡ ଆଲୋକୀକରଣ ବ୍ୟବସ୍ଥା ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୦୨/୭ (ନି.ପ୍ର): ପୁରୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ସମ୍ପର୍କିତ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ଯୋଗ ଦେବା ପରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ରାଷ୍ଟ୍ରାୟତ ଉଦ୍‌ଯୋଗ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ର ୱାଟର କର୍ପୋରେସନ ଅଫ ଓଡ଼ିଶା (ୱାଟକୋ) ଦ୍ୱାରା ପୁରୀର ସର୍ବୋଦୟ ନଗର ଠାରେ ପିପିପି ମୋଡରେ ପ୍ରତିଷ୍ଠା ହୋଇଥିବା ଜଳ ପରୀକ୍ଷଣ ପରୀକ୍ଷାଗାର ପରିଦର୍ଶନ କରିଛନ୍ତି ।ଏହି ଅବସରରେ ପରୀକ୍ଷାଗାରରେ କିପରି ଭାବରେ ଜଳର ନମୁନା ସଂଗ୍ରହ କରାଯାଉଛି ଏବଂ ଏହାର ପରୀକ୍ଷଣ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମନ୍ତ୍ରୀ ନିଜ ଉପସ୍ଥିତିରେ ଜଳ ନମୁନାର ମାନ କିପରି ନିର୍ଣ୍ଣୟ କରାଯାଉଛି ସେ ସମ୍ପର୍କିତ ବିଭିନ୍ନ ପରୀକ୍ଷା କରାଇଥିଲେ। ଏହାପରେ ସେ ପୁରୀ ସମଙ୍ଗ ଗ୍ରାମ ପଂଚାୟତସ୍ଥିତ ୪୨ଏମଏଲଡି କ୍ଷମତାସମ୍ପନ୍ନ ଜଳ ବିଶୋଧନଗାର ପରିଦର୍ଶନ କରିଥିଲେ ।

ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା, ୦୨/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ଅତିରିକ୍ତ ଶିକ୍ଷାଧିକାରୀ ହେମନ୍ତ କୁମାର ମିଶ୍ର ଓ ଗୌରାଙ୍ଗ ମହାପାତ୍ର ଙ୍କୁ ରବିବାର ଦିନ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଖଇରା ବ୍ଲକ ବିଇଓ ଗଦାଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟ ଅତିଥି, ପ୍ରାକ୍ତନ ବିଇଓ ଗୋଲକ ବିହାରୀ ପାଢୀ ମୁଖ୍ୟବକ୍ତା, ପ୍ରାକ୍ତନ ଅତିରିକ୍ତ ବିଇଓ ଶ୍ରୀଧର ବେହେରା, ପ୍ରଶାନ୍ତ ପ୍ରଧାନ, ବିଆରସିସି ପାର୍ବତୀ ପଣ୍ଡା, ସୁଜାତା ବିଶି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶାନ୍ତ ମହାପାତ୍ର ଓ ଲମ୍ବୋଦର ଦାସ ମଞ୍ଚ ପରିଚାଳନା କରିଥିଲେ । ବିଦାୟୀ ୨ ଏବିଇଓ ଶିକ୍ଷକଙ୍କ ସମସ୍ୟା ତଥା ବିଦ୍ୟାଳୟର ଭିତ୍ତିଭୂମି ସଜାଡିବାରେ ବିଦାୟୀ ଏବିଇଓଙ୍କ ଅବଦାନକୁ ଅତିଥି ମାନେ ଭୁୟଶୀ ପ୍ରଶଂସା କରିଥିଲେ । ଅଫିସ କର୍ମଚାରୀ ମନୋଜ ମହାପାତ୍ର, ସୁଶାନ୍ତ ନାୟକ, କମଳାକାନ୍ତ ଶିଅଳ ଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଓ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ମହରମ ୨୦୨୪ ପାଳନ ପରିପ୍ରେକ୍ଷୀରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୨/୭ (ନି.ପ୍ର): ଆସନ୍ତା ୧୭ ତାରିଖରେ ପାଳନ ହେବାକୁ ଥିବା ମହରମ ପର୍ବକୁ ଦୃଷ୍ଟିରେ ରଖି ଆଜି ଅପରାହ୍ନ ଘ. ୪ .୩୦ ମି ସମୟରେ ସ୍ଥାନୀୟ ସଭାବନା ସଭାଗୃହଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆଇ.ଏ.ଏସ ପ୍ରୋବେସନର ଶ୍ରୀ ଦୁଲାଲ ଅଭିଷେକ ଦିଲୀପ ଓ ସଦର ଏସଡିପିଓ ଡ଼. ସଶାଙ୍କ ଶେଖର ବେଉରା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପ୍ରତି ଜିଲ୍ଲାରେ ଜାରି ରହିଥିବା କର୍ଫ୍ୟୁ କଟକଣାକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାବାସୀଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ମତ ପ୍ରକାଶ କରିଥିଲେ ଓ ଅନୁରୂପ ଭାବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଗୁରୁତ୍ୱାରୋପ କରିଥିଲେ। ସଭାରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ପାଇଁ ସମସ୍ତ ପର୍ବପର୍ବାଣି ନିମନ୍ତେ ଡିଜେ ମ୍ୟୁଜିକ ସିଷ୍ଟମ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଉତ୍ସବ ସମୟରେ କୌଣସି ପ୍ରକାରର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଲାଠି, ଅସ୍ତଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ବାଣ ଫୁଟାଇବା ଉପରେ ସମ୍ପୂର୍ଣ କଟକଣା ଲଗାଯାଇଛି । ନିର୍ଦ୍ଧାରିତ ଗାଇଡ୍ଲାଇନ୍ଙ୍କ କଡ଼ାକଡ଼ି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ ବୋଲି ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ମତପ୍ରକାଶ କରିଥିଲେ ଓ ଆସନ୍ତା ମହରମକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ବିଷାକ୍ତ ଛତୁ ଖାଇ ୧୦ ଜଣ ଅସୁସ୍ଥ

ଭୁବନେଶ୍ୱର, ୦୨/୭ (ନି.ପ୍ର): ନୂଆପଡା ଜିଲ୍ଲାରେ ବିଷାକ୍ତ ଛତୁ ଖାଇ ୧୦ ଜଣ ଅସୁସ୍ଥ ହୋଇ ପଡିଥିବା ବେଳେ ଚାରି ଜଣ ଗୁରୁତର ହୋଇଛନ୍ତି । ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ କିରିକିଟା ବନ୍ଧପଡା ରେ ବିଷାକ୍ତ ଛତୁ ଖାଇ ଏହି ଘଟଣା ଘଟିଛି । ଘର ପାଖରେ ଜମି ରୁ ଛତୁ ଆଣି ରାନ୍ଧି ଖାଇଥିଲେ ପରେ ସମସ୍ତେ ଝାଡା ବାନ୍ତି ର ଶିକାର ହୋଇଥିବାବେଳେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି ହୋଇଥିଲେ । ପରେ ୬ ଜଣ ସୁସ୍ଥ ହୋଇ ଘରକୁ ଫେରି ଥି